ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 41 | 12 - 18 October 2025 | Sambalpur | Pages- 8 | Invitation Price Rs.10

# ୫୬ ଶିଳ୍ପାନୁଷ୍ଠାନର ୧୨୨୬ କୋଟି ଟଙ୍କା ଜଳକର ବାକି

ଭୁବନେଶ୍ୱର : ଜଳବାୟୁ ପରିବର୍ତ୍ତନ ଯୋଗୁଁ ବୃଷ୍ଟିପାତରେ ବ୍ୟତିକ୍ରମ ଦେଖା ଦେଇଛି । ବର୍ଷତମାମ ବୃଷ୍ଟିପାତ ହେବା ପରିବର୍ତ୍ତେ ସ୍ୱଳ୍ପସମୟରେ ବ୍ୟାପକ ପରିମାଣରେ ବର୍ଷା ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ଅଧିକାଂଶ ସମୟରେ ଜଳସଙ୍କଟ ଲାଗିରହିଛି । ନଦୀନାଳରେ ଦେଖା ଦେଇଥିବା ଜଳସଙ୍କଟକୁ ଭରଣା କରିବା ପାଇଁ ଶିଳ୍ପାନୁଷ୍ଠାନଗୁଡ଼ିକ ପ୍ରାକୃତିକ ଜଳଉତ୍ସକୁ ଗ୍ରୀଷ୍ମଦିନରେ ବ୍ୟବହାର ନ କରିବା ଉପରେ କଟକଣା ରହିଛି । ଏପରିକି ବର୍ଷାଜଳକୁ ସଂରକ୍ଷଣ କରିବା ପାଇଁ ଶିଳ୍ପାନୁଷ୍ଠାନଗୁଡ଼ିକ ଜଳଅମଳ ପ୍ରକଳ୍ପ ନିର୍ମାଣ କରି ବ୍ୟବହାର କରିବାକୁ କମ୍ପାନିଗୁଡ଼ିକ ସହ ଏମଓୟୁ କରାଯାଇଛି । ଏହାକୁ ଅଧିକାଂଶ କମ୍ପାନି ପାଳନ କରୁନାହାନ୍ତି । ଏପରିକି ବର୍ଷତମାମ ଜଳ ବ୍ୟବହାର କରୁଥିବା ସଂସ୍ଥାଗୁଡ଼ିକ ଜଳକର ଫାଙ୍କି ଚାଲିଛନ୍ତି । ରାଜ୍ୟରେ ୫୬ଟି ସଂସ୍ଥା ଉପରେ ୧୨୨୬କୋଟି ଟଙ୍କା ଜଳକର ବାକି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ବିଧାନସଭାରେ ପ୍ରକାଶ କରିଛନ୍ତି ।

ପ୍ରକାଶଥାଉକି, ରାଜ୍ୟରେ ଜଳସଙ୍କଟ ବର୍ଷତମାମ ଲାଗି ରହିଥିବା ବେଳେ ଅନେକ ଶିଳ୍ପାନୁଷ୍ଠାନ ଅନିୟନ୍ତ୍ରିତ ଭାବେ ନଦୀଜଳ ଶୋଷି ଚାଲିଛନ୍ତି । ଫଳରେ ନଦୀର ତଳମୁଣ୍ଡରେ ବସବାସ କରୁଥିବା ଅଞ୍ଚଳବାସୀ ବର୍ଷାଦିନ ବ୍ୟତୀତ ଅଧିକାଂଶ ସମୟରେ ଜଳଯନ୍ତ୍ରଣାରେ କଲବଲ ହେଉଛନ୍ତି । ବହୁ ଶିଳ୍ପାନୁଷ୍ଠାନ ଖୁବ୍ କମ୍ ପରିମାଣ ଜଳ ବ୍ୟବହାର କରୁଥିବା ଦର୍ଶାଉଥିଲେ ମଧ ତାଠାରୁ ଅଧିକ ଜଳ ବ୍ୟବହାର କରୁଛନ୍ତି । ସରକାରୀ ରିପୋର୍ଟ ଅନୁସାରେ, ୨୦୨୫ ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ୧୩୫ଟି ଶିଳ୍ପସଂସ୍ଥା ୮ଟି ନଦୀର ଜଳ ବ୍ୟବହାର କରୁଛନ୍ତି । ସେଥିରୁ ୫୬ଟି ଶିଳ୍ପସଂସ୍ଥା ଉପରେ ୧୨୨୬ କୋଟିରୁ ଅଧିକ ଟଙ୍କା ଜଳକର ବାକିରହିଛି । ଏହି ଶିଳ୍ପସଂସ୍ଥାଗୁଡ଼ିକ ନିୟମିତ ଭାବେ ନଦୀଜଳ ବ୍ୟବହାର କରୁଥିଲେ ମଧ ବର୍ଷ ବର୍ଷ ଧରି ଜଳକର ପ୍ରଦାନ କରୁନାହାନ୍ତି । ମହାନଦୀରୁ ନେଉଥିବା ୫୦ଟି ଶିଳ୍ପସଂସ୍ଥା ମଧ୍ୟରୁ ୨୮ଟି ଶିଳ୍ପସଂସ୍ଥା ଉପରେ ଜଳକର ବାବଦକୁ ୫୩୨.୬୧୨ କୋଟି ଟଙ୍କା ଅନାଦାୟ ରହିଛି । ସେହିପରି ବୈତରଣୀ ନଦୀରୁ ଜଳ ନେଉଥିବା ୧୭ଟି ଶିଳ୍ପସଂସ୍ଥା ମଧ୍ୟରୁ ୪ଟି ଶିଳ୍ପସଂସ୍ଥା ଉପରେ ୧.୩୧୬ କୋଟି ଟଙ୍କା, ବ୍ରାହ୍ମଣୀରୁ ଜଳ ନେଉଥିବା ୫୧ଟି ଶିଳ୍ପସଂସ୍ଥା ମଧ୍ୟରୁ ୧୩ଟି ଶିଳ୍ପସଂସ୍ଥା ଉପରେ ୪୫୭.୬୮୧ କୋଟି, ଇନ୍ଦ୍ରାବତୀରୁ ଜଳ ନେଉଥିବା ୨ଟି ଶିଳ୍ପସଂସ୍ଥା ମଧ୍ୟରୁ ୧ଟି ଶିଳ୍ପସଂସ୍ଥା ଉପରେ ୧.୯୨୮ କୋଟି ଟଙ୍କା ଜଳକର ବାକି ରହିଛି । ସେହିପରି କୋଲାବରୁ ଜଳ ନେଉଥିବା ୬ଟି ଶିଳ୍ପସଂସ୍ଥା ମଧ୍ୟରୁ ୩ଟି ଶିଳ୍ପସଂସ୍ଥା ଉପରେ ୧୯୬.୪୧୬ କୋଟି ଟଙ୍କା, ନାଗାବଳୀରୁ ଜଳ ନେଉଥିବା ୩ଟି ଶିଳ୍ପସଂସ୍ଥାରୁ ୨ଟି ଶିଳ୍ପସଂସ୍ଥା ଉପରେ ୩୪.୩୫୨ କୋଟି ଟଙ୍କା, ଋଷିକୁଲ୍ୟାରୁ ଜଳ ନେଉଥିବା ୫ଟି ଶିଳ୍ପସଂସ୍ଥାରୁ ୪ଟି ଶିଳ୍ପସଂସ୍ଥା ଉପରେ ୨.୫୬୩ କୋଟି ଟଙ୍କା, ସୁବର୍ଣ୍ଣରେଖାରୁ ଜଳ ନେଉଥିବା ଗୋଟିଏ ଶିଳ୍ପସଂସ୍ଥା ଉପରେ ୨ ହଜାର ଟଙ୍କା ଜଳକର ବାକି ପଡିଛି । କୋଲାବ, ମହାନଦୀ, ବ୍ରାହ୍ମଣୀ ନଦୀରୁ ଜଳ ନେଉଥିବା ଶିଳ୍ପସଂସ୍ଥା ଉପରେ ସବୁଠାରୁ ଅଧିକ ଜଳକର ଅନାଦାୟ ଥିବା ବେଳେ ଏହି ଶିଳ୍ପସଂସ୍ଥାମାନଙ୍କୁ ଜଳ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି । ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଅବା କଟକଣା ନାହିଁ । ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କୋଲ୍ ଇଣ୍ଡିଆର ଚତୁର୍ଥ ସିଏସ୍ଆର୍ କନ୍କ୍ଲେଭ




ବୁର୍ଲା : ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଗୋପାଳ ପୁରରେ କୋଲ୍ ଇଣ୍ଡିଆର ଚତୁର୍ଥ ସିଏସ୍ଆର୍ କନ୍କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି । ଏହି କନ୍କ୍ଲେଭରେ କୋଲ୍ ଇଣ୍ଡିଆ ଏବଂ ତା'ର ସହାୟକ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀ ଓ ସିଏସ୍ଆର୍ ବିଶେଷଜ୍ଞମାନେ ଯୋଗଦେଇ ନୂଆ ଦୃଷ୍ଟିକୋଣ, ଉତ୍ତମ ଅଭ୍ୟାସ ଏବଂ ପ୍ରଭାବଶାଳୀ ସିଏସ୍-ଆର୍ କାର୍ଯ୍ୟକ୍ରମ ପାଇଁ ରଣନୀତି ଉପରେ ଆଲୋଚନା କରିଛନ୍ତି । କୋଲ ଇଣ୍ଡିଆର ଅଧକ୍ଷ ପି. ଏମ୍. ପ୍ରସାଦ, ନିର୍ଦ୍ଦେଶକ (ଏଚ୍ଆର୍) ଡକ୍ଟର ବିନୟ ରଞ୍ଜନ, ଏମ୍ସିଏଲ୍ର ଅଧକ୍ଷ ତଥା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପ୍ରମୁଖ କନ୍କ୍ଲେଭର ଉଦ୍‌ଘାଟନ କରିଥିଲେ । କୋଲ୍ ଇଣ୍ଡିଆର ସିଭିଓ, ଏମ୍ସିଏଲ୍ର କାର୍ଯ୍ୟରତ ନିର୍ଦ୍ଦେଶକ ଏବଂ ଅନ୍ୟ ସହାୟକ କମ୍ପାନୀର ନିର୍ଦ୍ଦେଶକମାନେ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ । କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଭର୍ଚୁଆଲରେ ଯୋଗଦାନକରି କୋଲ୍ ଇଣ୍ଡିଆର ବିଭିନ୍ନ ପ୍ରଭାବଶାଳୀ ସିଏସ୍ଆର୍ ପ୍ରୋଜେକ୍ଟ ମାଧମରେ ସମାଜ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ । ଏମ୍ସିଏଲ୍ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଧନ୍ୟବାଦ ଦେଇଥିଲେ ।




# ବେଦାନ୍ତ କାରଖାନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ଦାବି

ଝାରସୁଗୁଡ଼ା: ଝାରସୁଗୁଡ଼ାରେ ଥିବା ବେଦାନ୍ତ ଆଲୁମିନିୟମ କମ୍ପାନୀ ବିଭିନ୍ନ କ୍ଷେତ୍ରରେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ବ୍ୟାପକ ପ୍ରଦୂଷଣ କରୁଥିଲେ ମଧ ଏଥିପ୍ରତି ସରକାରଙ୍କ ନଜର ପଡୁନାହିଁ । ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଏହି କାରଖାନାର ପ୍ରଦୂଷଣ ରୋକିବା ପାଇଁ କିଛିପଦକ୍ଷେପ ନେବେ ବୋଲି ଝାରସୁଗୁଡ଼ାବାସୀ ଯେଉଁ ଆଶା ରଖିଥିଲେ ତାହା ନିରାଶାରେ ପରିଣତ ହୋଇଛି । ଏହି କମ୍ପାନୀ ବର୍ତ୍ତମାନ ମଧ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଫ୍ଲାଇଆସ୍ ପକାଇବା ସାଙ୍ଗକୁ ଧୁଆଁ ଉଡାଇ ପ୍ରଦୂଷଣ କରିବାରେ ଲାଗିଛି ।

ପ୍ରକଳ୍ପ ଆରମ୍ଭରୁ ରାଜ୍ୟ ସରକାରଙ୍କ ସହ ସ୍ୱାକ୍ଷରିତ ବୁଝାମଣା ପତ୍ରର ପ୍ରମୁଖ ସର୍ତ୍ତ ଆଇପିପିରୁ ଉତ୍ପାଦିତ ୬୦୦ ମେଗାୱାଟ ବିଦ୍ୟୁତ ଅଣ ବ୍ୟବସାୟିକ ସୂତ୍ରରେ ରାଜ୍ୟ ଉଦ୍ଦେଶ୍ୟରେ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଆଳ ଦେଖାଇ ବେଦାନ୍ତ କମ୍ପାନୀ ଓଇଆର୍‌ସିରେ ଦାୟର କରିଥିବା ମୋକଦ୍ଦମା ଖାରଜ ହୋଇଥିବା ଜଣାପଡିଛି । ସେହିପରି ରାଜ୍ୟ ସରକାରଙ୍କୁ ଏହି କମ୍ପାନୀ ରାଜସ୍ୱ ପୈଠ କରିବାରେ ମଧ ଟାଳଟୁଳ ନୀତି ଅବଲମ୍ବନ କରୁଛି । ଆଶ୍ଚର୍ଯ୍ୟର ବିଷୟ ଯେ, ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଉଦ୍ୟୋଗ ଗୁଡିକ ନିୟମିତ ଭାବେ କୋଟି କୋଟି ଟଙ୍କା ରାଜସ୍ୱ ସରକାରଙ୍କୁ ପୈଠ କରୁଥିବା ବେଳେ ଘରୋଇ ଉଦ୍ୟୋଗ ଗୁଡିକ ତାହା କରୁ ନାହାନ୍ତି । ତେବେ ସରକାରଙ୍କ ପକ୍ଷରୁ ଏମାନଙ୍କ ବିରୁଦ୍ଧରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ ।

ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବେଦାନ୍ତ କମ୍ପାନୀ ବିଭିନ୍ନ ସର୍ତ୍ତ ଉଲଂଘନ, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ, ସ୍ଥାନୀୟ କର୍ମ ନିଯୁକ୍ତିକୁ ଅଣଦେଖା, ଜିଲ୍ଲାର ସର୍ବନିମ୍ନ ମୌଳିକ ସୁବିଧା ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶକୁ ଅଣଦେଖା କରିବାଠୁ ଆରମ୍ଭ କରି ଶିଳ୍ପ ପାଇଁ ଶହ ଶହ ଏକର ପ୍ରାକୃତିକ ଜଙ୍ଗଲ ଧ୍ୱଂସ କରି ଭୂତଳ ଜଳ ଚୋରି, କମ୍ପାନୀ ନିକଟସ୍ଥ ଭେଡେନ ନଦୀରୁ ବାହ୍ୟ ଜଳ ଚୋରି, ଆସ ପଣ୍ଡ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଲଘୁ ଖଣିଜ ସମ୍ପଦ ବାବଦରେ ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ରୟାଲଟି ପୈଠ ପାଇଁ ଅଣଦେଖା କରୁଛି । ସୁପ୍ରିମକୋର୍ଟରେ ମାମଲା ହାରିଲା ପରେ ମଧ ଏହି କମ୍ପାନୀ ନିର୍ଦ୍ଧାରିତ ଲେବର ସେସ୍ ପୈଠ ପାଇଁ ଅଣଦେଖା, ୨୦୧୦ ମସିହାରୁ ଝାରସୁଗୁଡ଼ା ମ୍ୟୁନିସିପାଲଟି ଅନ୍ତର୍ଗତ ସୁନାରି ମୁଣ୍ଡା ସ୍ଥିତ ବେଆଇନ୍ ମେଗା ଟାଉନ ସିପ ନିର୍ମାଣ ବାବଦରେ ଝାରସୁଗୁଡା ଟାଉନ ପ୍ଲାନିଙ୍ଗ ବିଭାଗର ବାଧତାମୂଳକ ଅନୁମତି ପତ୍ର ହାସଲ ନ କରିବା ଓ ଟିକସ ବାବଦରେ ମ୍ୟୁନିସିପାଲଟିର ପ୍ରପର୍ଟି/ହୋଲଡିଙ୍ଗ ଟେକ୍ସ ବାବଦରେ ଶହ ଶହ କୋଟି ଟଙ୍କା ଦେଉ



ନାହିଁ । ନଦୀ ନାଳ ଜଙ୍ଗଲ ସହର ଗୋଚର ଐତିହାସିକ ହୀରାକୁଦ ନଦୀବନ୍ଧ ଉପତ୍ୟକାର ବିଭିନ୍ନ ସ୍ଥାନରେ ଖାଲୁଆ ଅଞ୍ଚଳ ପୋତିବା ନାଁ ରେ ବେଆଇନ୍ ବିଷାକ୍ତ ପାଉଁଶ ବନ୍ୟା, ପାନୀୟ ଜଳ ଉତ୍ସ ଗୁଡିକ ପ୍ରଦୁଷିତ କରି ବେଆଇନ୍ ବିଷାକ୍ତ ପାଉଁଶ ପରିଚାଳନା ପାଇଁ ସରକାରଙ୍କ ନିର୍ଦ୍ଧାରିତ ତଣ୍ଡ ପୈଠ ନ କରିବା ସତ୍ତ୍ୱେ ସର୍ବ ଦଳୀୟ ରାଜନୈତିକ ମଧୁ ଚନ୍ଦ୍ରିକା, ଭ୍ରଷ୍ଟ ପ୍ରଶାସନିକ ଅଧିକାରୀ ତଥା ପାଳି ପାଳି କରି କ୍ଷମତାରେ ଥିବା ଚିରାଚରିତ ସ୍ଥାନୀୟ ରାଜନେତାଙ୍କ ସହଭାଗିତା ଓ ଆଇନର ଗଳାବାଟର ସୁଯୋଗ ନେଇ ଝାରସୁଗୁଡ଼ା ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ତଥା ସମଗ୍ର ପଶ୍ଚିମ ଓଡିଶାର ପ୍ରାକୃତିକ ପରିବେଶ ନଦୀ ନାଳ ଜଙ୍ଗଲ ସହର ଐତିହାସିକ ହୀରାକୁଦ ନଦୀବନ୍ଧ ପାଇଁ ଅଭିଶାପ ପାଲଟିଛି । ବେଦାନ୍ତ କମ୍ପାନୀ ଅତି ଚତୁରତାର ସହ ସରକାରୀ କାର୍ଯ୍ୟକୁ ସୁଗମ କରିବା ପାଇଁ ବୃହତ ଶିଳ୍ପ ମାନଙ୍କ ପାଇଁ ନିତାନ୍ତ ଆବଶ୍ୟକ ପଡୁଥିବା ସ୍ପେସାଲ ଇକୋନୋମିକ୍ ଜୋନ୍ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ହାତେଇ ତାରି ସୁଯୋଗ ନେଇ ନାହିଁ ନାହିଁର ଝାରସୁଗୁଡ଼ା ଜିଲ୍ଲାକୁ ଆଲୁମିନିୟମ ସିଟି, ସବୁଜ ସୁନ୍ଦର ସହର ଗଢ଼ି ତୋଳିବା ର ମିଥ୍ୟା ପ୍ରତିଶୃତି ଦେଇ ସୁନେଲି ସ୍ୱପ୍ନ ଦେଖେଇ ପ୍ରତାରିତ କରିଛି । ପ୍ରକଳ୍ପ ଆରମ୍ଭରୁ ବାର୍ଷିକ ହଜାର ହଜାର କୋଟି ଟଙ୍କାର ବିଭିନ୍ନ ସରକାରୀ ରାଜସ୍ୱ ଟିକସ କର ଫାଙ୍କି ଫାଙ୍କି ଚାଲିଛି । ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି, ରାଜନୈତିକ ଓ ପ୍ରଶାସନିକ ଅତ୍ୟାଚାର ସତ୍ତ୍ୱେ ବେଦାନ୍ତ ଭଳି ଘରୋଇ କମ୍ପାନୀର ସାଂଘାତିକ ବ୍ୟତିକ୍ରମ ଓ ବେଆଇନ କାର୍ଯ୍ୟକଳାପ ଗୁଡ଼ିକୁ ବାରମ୍ବାର ରାଜ୍ୟ, କେନ୍ଦ୍ର ସରକାର, ବିଭିନ୍ନ ବିଭାଗ ତଥା ହାଇକୋର୍ଟ, ସୁପ୍ରିମକୋର୍ଟ, ନ୍ୟାସନାଲ ଗ୍ରୀନ ଟ୍ରିବୁନାଲର ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ଦୃଷ୍ଟି ଆକର୍ଷଣ କରି ଆସିଛି ଯାହା ବିଚାରାଧିନ ରହିଛି । ଏଣୁ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ମଙ୍ଗୁଆଳ ସାଜିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଧି ବ୍ୟବସ୍ଥା ଉଲଂଘନକାରୀ ବେଦାନ୍ତ କମ୍ପାନୀର ଏସ୍.ଇ.ଜେଡ୍ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତ୍ୟାହାର କରି ପ୍ରକଳ୍ପ ଆରମ୍ଭରୁ ସରକାରୀ ଭାବେ ହଜାର ହଜାର କୋଟି ଟଙ୍କାର ଅନାଦେୟ ପାଇଁ ବେଦାନ୍ତ ମାଲିକ ଅନିଲ ଅଗ୍ରୱାଲ ଓ ସ୍ଥାନୀୟ ପ୍ରକଳ୍ପ ମୁଖ୍ୟଙ୍କ ବିରୁଦ୍ଧରେ ମାମଲା ଦାୟର କରି ସମସ୍ତ ଟେକ୍ସ, ରୟାଲଟି, ସେସ୍, ଅବିଳମ୍ବେ ଆଦାୟ କରି ଉକ୍ତ ଅର୍ଥରେ ବିଷାକ୍ତ ପାଉଁଶ ବନ୍ୟାର ପ୍ରଦୁଷଣରେ ବିଷ ବଳୟରେ ଜର୍ଜରିତ ଝାରସୁଗୁଡ଼ା ଜିଲ୍ଲାରେ ସରକାରୀ ମେଡ଼ିକାଲ କଲେଜ, ସରକାରୀ ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ ନିର୍ମାଣକୁ ସୁନିଶ୍ଚିତ କରିବାକୁ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ ଅନୁରୋଧ କରିଛନ୍ତି ।

## ଏ ସଂଖ୍ୟାରେ..


ଦୈନିକ ବାଇଗଣ ଖାଇବା ଭଲ


ସୁସ୍ୱାସ୍ଥ୍ୟ ପାଇଁ ଖାଆନ୍ତୁ ଫଳ


ସାଇନସ୍ ସମସ୍ୟା ଦୂର କରେ କଞ୍ଚା ଲଙ୍କା


ଚମତ୍କାରୀ ମେଥିଶାଗ


ମଧୁମେହ ପ୍ରତିରୋଧୀ ଘରୋଇ ପଥ୍ୟ


ତରଭୁଜର ଉପକାରିତା

# ଝାରସୁଗୁଡ଼ା ପୌର ପରିଷଦ କାଉନସିଲ୍ ବୈଠକ

ଝାରସୁଗୁଡ଼ା: ଝାରସୁଗୁଡ଼ା ପୌର ପରିଷଦ ସଭାଗୃହରେ ୧୫ ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି । ପୌରାଧକ୍ଷା ରାନୀ ହାତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନତିମୂଳକ ବିଷୟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ବିଭିନ୍ନ ୱାର୍ଡର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ତେବେ ବୈଠକରେ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଥିଲା । ମ୍ୟୁନିସିପାଲିଟିରେ ଥିବା ୧୪ରୁ ୮ଟି ଏଲସିଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ବେଳେ ସମସ୍ତ ୧୪ଟି ବିଓଭି ଗାଡ଼ି ଅଚଳ ହୋଇ ପଡ଼ିଛି । ଫଳସ୍ୱରୂପ ଗଳି ଗଳିରୁ ତ ଦୂରର କଥା ମୁଖ୍ୟ ରାସ୍ତାରୁ ବି ଆବର୍ଜନା ଉଠିପାରୁ ନାହିଁ । ଅଗଷ୍ଟରେ ହୋଇଥିବା କାଉନସିଲ ବୈଠକରେ ପୌରପରିଷଦ ଭଡ଼ା ସୂତ୍ରରେ ଅଳିଆଉଠା ଗାଡ଼ି ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲା । ନଗର ଉନ୍ନୟନ ମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ସମୟରେ ନୂଆ ଗାଡ଼ି କିଣିବାକୁ ପ୍ରତିଶ୍ରୁତି ମିଳିଥିଲା । କିନ୍ତୁ ଉକ୍ତ ଗାଡ଼ି ନିଜସ୍ୱ ପାଣ୍ଠିରୁ କିଣିବା ନେଇ ଜିଲ୍ଲା ପ୍ରଶାସନ ମ୍ୟୁନିସିପାଲିଟିକୁ ଚିଠି ଲେଖିବା ପରେ କାଉନସିଲ୍ ଏହାକୁ ବିରୋଧ କରିଥିଲା । ମ୍ୟୁନିସିପାଲିଟି ନୂତନ କୋଠା ନିର୍ମାଣ ପାଇଁ ଏହାର ନିଜସ୍ୱ ପାଣ୍ଠି ରଖିଥିବା ବେଳେ ଏଥିରୁ ଖର୍ଚ୍ଚ କରିବାକୁ ମନା କରିଦେଇଥିଲା । ତେଣୁ ୧୦ ଟି ବିଓଭି ଗାଡ଼ି ଓ ୧୦ ଟି ଏଲସିଭି ଗାଡ଼ି ଭଡ଼ା ସୂତ୍ରରେ ନିୟୋଜିତ କରିବା ପାଇଁ ପୁଣି ନିଷ୍ପତ୍ତି ନିଆଯାଇଥିଲା । ଝାରସୁଗୁଡ଼ା ସହରର ଆଲୋକୀକରଣ ପାଇଁ ନିୟୋଜିତ ଥିବା ଆକାଶ ଇଞ୍ଜିନିୟରିଂ ନାମକ ସଂସ୍ଥା ମନମାନୀ କରୁଥିବା ବେଳେ ପରିଚାଳନା କାର୍ଯ୍ୟ ଠିକ୍‌ରେ କରୁନଥିବାରୁ ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରିବାକୁ ନିଷ୍ପତ୍ତି ହୋଇଥିଲା । ସହର ଉପକଣ୍ଠରେ ରହିଥିବା ବଡ଼ ବଡ଼ ଶିକ୍ଷାନୁଷ୍ଠାନ, ହୋଟେଲ, କଲେଜ ପ୍ରପର୍ଟି ଟ୍ୟାକ୍ସ ଦେଉନଥିବାରୁ ଏନେଇ ମଧ କାଉନସିଲରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ବଡ଼ମାଳ ଛକରୁ ସୁନାରିମୁଣ୍ଡା ଛକ ଯାଏ ୨୪ ଘଣ୍ଟିଆ ସ୍ପ୍ରିଙ୍କଲର ବ୍ୟବସ୍ଥା ଲଗାଇବା ସହ କର୍ମଚାରୀ ନିଯୁକ୍ତି କରି ଗ୍ରିନେରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପୁରୁଣା ବସ୍ତଷ୍ଟାଣ୍ଡରୁ ବଢ଼େଇମୁଣ୍ଡା ଯାଏ ଏନ୍‌ଏଚର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ, ଖୋଲା ଡ୍ରେନରେ ସ୍ଲାବ ପକାଇବା ପାଇଁ ପୁଣିଥରେ ନିଷ୍ପତ୍ତି ନିଆଯାଇଥିଲା । ଆଫୋର୍ଡେବଲ ହାଉସିଂ ସ୍କିମ୍‌ରେ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯିବା, ସହରରେ ପାଣି ମିଳୁନଥିବା ସ୍ଥାନରେ ତୁରନ୍ତ ପାଣି କିଭଳି ଯୋଗାଇ ଦିଆଯିବ ସେନେଇ ନିଷ୍ପତ୍ତି ହୋଇଥିଲା । ରେଳବାଇ ନିଜର ଡ୍ରେନେଜ ବ୍ୟବସ୍ଥା କରିବାକୁ ଚିଠି ଲେଖାଯିବା ଓ ପୂର୍ତ୍ତ ବିଭାଗକୁ ମାଷ୍ଟର ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଚିଠି ଲେଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଉପ ନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ, ବିଭିନ୍ନ ୱାର୍ଡର କାଉନସିଲ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଇଏଏସ ପ୍ରବେସନର ପ୍ରଜ୍ଞାନନ୍ଦ ଗିରି, ମୁଖ୍ୟ ଯନ୍ତ୍ରୀ ସୀମାଞ୍ଚଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ତ୍ତିକରେ ଧର୍ମ ଓ କର୍ମ

ଭକ୍ତି ଓ ସମର୍ପଣର ମାସ କାର୍ତ୍ତିକରେ ସୂର୍ଯ୍ୟ ତୁଳାରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପୃଥିବୀର ବାତାବରଣ ସମ୍ବେଦନଶୀଳ ଥାଏ । ରୋଗଜୀବାଣୁ ଖୁବ୍ ଶକ୍ତିଯୁକ୍ତ ଏବଂ ସକ୍ରିୟ ଥାଆନ୍ତି । ବିଭିନ୍ନ ରୋଗରୁ ମୁକ୍ତି ପାଇବା ଲାଗି କାର୍ତ୍ତିକ ମାସରେ ସଂଯମ ଜୀବନଯାପନ କରିବା ଉଚିତ୍ ।

ପଦ୍ମପୁରାଣ, ସ୍କନ୍ଦପୁରାଣ ଏବଂ ଅନ୍ୟ ପୁରାଣମାନଙ୍କରେ କାର୍ତ୍ତିକ ମାସର ମାହାତ୍ମ୍ୟ ବର୍ଣ୍ଣନା ହୋଇଛି । ଧର୍ମମାସର ଭାବନା ନେଇ ଲୋକମାନେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନଶୌଚ ଶେଷ କରି ମନ୍ଦିର ଯାଆନ୍ତି । କାର୍ତ୍ତିକମାସରେ ବ୍ରତ ପାଳନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି । ଏହା ପଛରେ ବୈଜ୍ଞାନିକ କାରଣ ଅଛି । ଉପବାସ କରିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଉପବାସ କରୁଥିବା ସାଧକ ପ୍ରତିଦିନ ଦୀପଦାନ କରନ୍ତି । ତୁଳସୀ ସେବା ସହ ତୁଳସୀ ଗଛର ଯତ୍ନ ନେବା ଉଚିତ୍ । ଆୟୁର୍ବେଦୀୟ ଶାସ୍ତ୍ରରେ ତୁଳସୀକୁ ଆଣ୍ଟିବାୟୋଟିକ୍ କୁହାଯାଏ । ଏହା ଦ୍ୱାରା ଶରୀର ଶୁଦ୍ଧ ହୁଏ । ତୁଳସୀ ସେବନ ଦ୍ୱାରା ବ୍ୟକ୍ତି ରୋଗମୁକ୍ତ ହୋଇଥାଆନ୍ତି । ଅପର ପକ୍ଷରେ ଭଗବାନ ବିଷ୍ଣୁ ତୁଳସୀ ପତ୍ର ପାଇଲେ ଆନନ୍ଦିତ ହୁଅନ୍ତି ।

ଶାସ୍ତ୍ରରେ ବର୍ଣ୍ଣନା ଅଛି ଭୂମିକୁ ଶଯ୍ୟା କରିବା । କାର୍ତ୍ତିକ ବ୍ରତ କରିଥିବା ଲୋକେ ଭୂମି ଉପରେ ଶୟନ କରିବା ଉଚିତ୍ । ଆମ ଶରୀର ପଞ୍ଚଭୂତରେ ଗଢ଼ା । ତହିଁରୁ ମାଟି ଅନ୍ୟତମ । ମାଟି ଦ୍ୱାରା ଅନେକ ରୋଗର ଉପଶମ ହୋଇପାରେ ବୋଲି ଚିକିତ୍ସା ବିଜ୍ଞାନରୁ ଜଣାଯାଇଛି । ତେଣୁ ମାଟିରେ କାରବାର କରିବା ବା ମାଟି ଚଟାଣରେ ଶୋଇବା ଦ୍ୱାରା ଶରୀର ଉପରେ ସୁପ୍ରଭାବ ପଡ଼େ ।

କାମନା ସିଦ୍ଧ ପାଇଁ ବା ଯଦି ସେପରି କିଛି ଗୁରୁତ୍ୱପୂର୍ଣ୍ଣ ରୋଗ ହୋଇଥାଏ, ତେବେ କାର୍ତ୍ତିକରେ ସକାଳୁ ସ୍ନାନକରି ଏକ ସ୍ୱଚ୍ଛ ସ୍ଥାନରେ ଧଳା କପଡ଼ା ଉପରେ ଶଙ୍କର ଭଗବାନଙ୍କୁ ସ୍ଥାପିତ କରି ଯଥାରୀତି ପୂଜନ କରିବାକୁ ହୁଏ । ଏଠାରେ ପାର୍ବତୀ ଏବଂ ଶ୍ରୀ ଗଣେଶଙ୍କର ବିଗ୍ରହ ଅଥବା ଫଟୋ ରଖାଯାଏ । ଗଙ୍ଗା ଜଳରେ ପ୍ରତିମାଙ୍କୁ ସ୍ନାନ ମାର୍ଜନ କରାଇ ଚାରିପାଖରେ ଏହି ପବିତ୍ର ଜଳ ସିଞ୍ଚନ କରିବାକୁ ହୁଏ । ଆସନ ଶୁଦ୍ଧ କରି ପଞ୍ଚାସନରେ ବସିବା ସହ ଭଗବାନ ଶିବଙ୍କ ନିକଟରେ ଘିଅ ଦୀପ ଜଳାଇ ତାଙ୍କର ଅତିପ୍ରିୟ ବେଲପତ୍ର ଦୁଦୁରାଫୁଲ ଏବଂ ଭାଙ୍ଗ ଅର୍ପଣ କରିବା ଉଚିତ୍ । ଏହା ବ୍ୟତୀତ ସୁମିଷ୍ଟ ଦ୍ରବ୍ୟ ମଧ ଭୋଗ ଲଗାଯାଇପାରେ । ରୁଦ୍ରାକ୍ଷମାଳାରେ ୧୦୦୮ ଥର 'ଓଁ ନମଃ ଶିବାୟ!' ମନ୍ତ୍ର ଜପ କରିବାକୁ ହୁଏ ।



କାର୍ତ୍ତିକମାସରେ ପ୍ରାୟତଃ ହୃଦ୍‌ଘାତ ହେବାର ଦେଖାଯାଏ । କାରଣ, ଏହି ସମୟରେ ସୂର୍ଯ୍ୟ ନିମ୍ନକୁ ଆସିଥାନ୍ତି । ଏପରି ରୋଗରେ କେହି ପିଡ଼ୀତ ଥାନ୍ତି ତେବେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନଶୌଚ ସାରି ଆଦିତ୍ୟ ହୃଦୟ ସ୍ତୋତ୍ର ଜପକରନ୍ତୁ । ଏହାଦ୍ୱାରା ହୃଦୟ ଶକ୍ତିଶାଳୀ ଏବଂ ଶରୀର ଆରୋଗ୍ୟ ହୁଏ । ସୁସ୍ଥ ରହିବା ପାଇଁ ପ୍ରାତଃସ୍ନାନ ଶେଷକରି ସୂର୍ଯ୍ୟଙ୍କ ବୀଜମନ୍ତ୍ର (ଓଁ ହ୍ରାଂ ହ୍ରୀଂ ସଃ ସୂର୍ଯ୍ୟାୟ ନମଃ) ଜପ କରିବା ଉଚିତ୍ ।

କାର୍ତ୍ତିକରେ ବ୍ରହ୍ମଚର୍ଯ୍ୟ ସହ ନିରାମିଷ ଭୋଜନ କରିବା ଆବଶ୍ୟକ । ମୁଗ, ଚଣା, ସୋଲା, ମଟର ଆଦି ଦୁଇଫାଳଯୁକ୍ତ ଫଳ ଖାଇବା ଲାଗି ଶାସ୍ତ୍ରରେ ବାରଣ ରହିଛି । ତେଲ ଆଦି ପରିତ୍ୟାଗ କରି ଗୋରସ ଏବଂ ଗୋରସ ପ୍ରସ୍ତୁତ ସାମଗ୍ରୀ ଗ୍ରହଣ କରିବାର ବିଧି ଅଛି । କାର୍ତ୍ତିକରେ ପିପ୍ପଳ, ତୁଳସୀ, ଅଁଳା, ଗୋପୂଜା ଏବଂ ଗୋବର୍ଦ୍ଧନ ପୂଜନ କରାଯିବା ଉଚିତ୍ । କାର୍ତ୍ତିକ ମାସରେ କାଶୀ ନିକଟସ୍ଥ ଗଙ୍ଗାକୂଳରେ ବାସ କରିବାର ମହତ୍ତ୍ୱ ସ୍ୱତନ୍ତ୍ର । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ ବ୍ରତୀମାନେ ଗଙ୍ଗା, ବିଷ୍ଣୁ, ଶିବ ତଥା ସୂର୍ଯ୍ୟଙ୍କୁ ସ୍ମରଣ କରି ଜଳ ଅଞ୍ଜୁଳି ଦେବା ଉଚିତ୍ । ଏହି ସମୟରେ ତୁଳସୀ ମାଳି, ଅଁଳା ମାଳି ବା ଚଉରାମୂଳର ମାଟିକୁ କଣ୍ଠରେ ଧାରଣ କରିବା ଉଚିତ୍ । ବ୍ରତ ସମାପ୍ତି ପରେ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ ।

କ'ଣ କରିବା ଉଚିତ୍: ପ୍ରତ୍ୟହ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସହିତ ତୁଳସୀ ପତ୍ର ଓ ତୁଳସୀଜଳ ପାଇବା ଓ ତୁଳସୀ ମୂଳର ମାଟିକୁ ଚନ୍ଦନ କରି ଲଗାଇବା ।

କିଛି ସମୟ ପାଦରେ ମାଟି ଉପରେ ଚାଲିବା ।

ବ୍ରହ୍ମଚର୍ଯ୍ୟ ପାଳନ କରିବା ସହ ନିରାମିଷ ଓ ଶୁଦ୍ଧ ସାତ୍ତ୍ୱିକ ଭୋଜନ କରିବା ।

ଘରର ଫାଟକ ନିକଟରେ ଗୋବର ଲିପିବା ବା ଗୋବର ପାଣି ସିଞ୍ଚିବା ।

ଚଉରାମୂଳରେ ପାଞ୍ଚରଙ୍ଗ ମୁରୁଜ ପକାଇବା ।

ପ୍ରତିଦିନ ଦ୍ୱାରମୁହଁରେ କଳସ ବସାଇବା, ତୁଳସୀ ମୂଳରେ ଦୀପ ଲଗାଇବା ।

ତୁଳସୀ ଦେବୀଙ୍କୁ ସ୍ମରଣ କରି ଚଉରାଙ୍କୁ ସାତଥର ପରିକ୍ରମା କରିବା । ମନ୍ତ୍ର ବୃନ୍ଦାୟୈ ତୁଳସୀ ଦିବୈୟ ପ୍ରିୟାୟୈ କେଶବସ୍ୟ, କୃଷ୍ଣଭକ୍ତି ପ୍ରଦେଦେବୀ ସତ୍ୟବତ୍ୟୈ ନମୋନମଃ ।

ଗାଧୋଇସାରି ଜୀବଜନ୍ତୁଙ୍କୁ ଭୋଜନ ଦେବା ।

## କାର୍ତ୍ତିକ ମାହାତ୍ମ୍ୟ ଓ ପୁଣ୍ୟଫଳ

ପାପନାଶକ କାର୍ତ୍ତିକମାସ ଦିବ୍ୟ ମାସ ଭାବେ ସର୍ବଜନବିଦିତ । ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ତଥା ଭୋଗ ଓ ମୋକ୍ଷରୂପୀ ଫଳ ପ୍ରଦାନକାରୀ ମାସଟି ହେଉଛି ଏଇ ପାବନ କାର୍ତ୍ତିକ ମାସ । ତେଣୁ ଶାସ୍ତ୍ର କହେ, କାର୍ତ୍ତିକ ମାସ ସମ କୌଣସି ମାସ ନାହିଁ, ସତ୍ୟ ଯୁଗ ତୁଲ୍ୟ କୌଣସି ଯୁଗ ନାହିଁ, ବେଦ ସମାନ କୌଣସି ଶାସ୍ତ୍ର ନାହିଁ ଆଉ ଗଙ୍ଗା ନଦୀ ସମ କୌଣସି ତୀର୍ଥ ନଦୀ ନାହିଁ । ସେହିପରି ପଦ୍ମପୁରାଣରେ ଉଲ୍ଲେଖି ଅଛି, କାର୍ତ୍ତିକ ବ୍ରତଧାରୀ ବ୍ୟକ୍ତି ଯଦି ରାତ୍ରିରେ ବିଷ୍ଣୁଙ୍କ ନିକଟରେ ଜାଗରଣ, ପ୍ରାତଃସ୍ନାନ, ତୁଳସୀ ସେବନ, ଉଦ୍ୟାପନ, ଦୀପଦାନ ଏହି ପାଞ୍ଚଟି ନିୟମ ପାଳନ କରେ ତାକୁ ବ୍ରତର ପୂର୍ଣ୍ଣଫଳ ପ୍ରାପ୍ତ ହୋଇଥାଏ । ବ୍ରତଧାରୀ କେବଳ ପୁଣ୍ୟ ଲାଭ କରି ନ ଥାଏ, ମୋକ୍ଷ ପ୍ରଦାନକାରୀ ଭାବେ ବି ତାଙ୍କୁ ବିବେଚନା କରାଯାଏ । କାର୍ତ୍ତିକ ବ୍ରତ ଓ ତା'ର ମହାତ୍ମ୍ୟ ବିଷୟରେ ପୁତ୍ର କାର୍ତ୍ତିକଙ୍କ ଆଗରେ ବର୍ଣ୍ଣନା କହିବାକୁ ଯାଇ ଦେବ ଦେବ ମହାଦେବ ଶିବ କହିଥିଲେ 'ପୁତ୍ର କାର୍ତ୍ତିକ ! କାର୍ତ୍ତିକ ମାସରେ ପ୍ରାତଃ ସ୍ନାନ ପାପନାଶକ । ଏହି ମାସରେ ଯେଉଁ ମନୁଷ୍ୟ ଅନ୍ୟର ଅନ୍ନ ତ୍ୟଜନ କରେ ସେ ପ୍ରତିଦିନ ଏହି କୃଚ୍ଛ ବ୍ରତର ଫଳ ପ୍ରାପ୍ତ କରିଥାଏ ।

ଚନ୍ଦ୍ରମା ଓ ସୂର୍ଯ୍ୟ ଗ୍ରହଣ କାଳରେ ବ୍ରାହ୍ମଣକୁ ପୃଥ୍ୱୀ ଦାନ କରି ଯେଉଁ ଫଳ ପ୍ରାପ୍ତ ହୋଇଥାଏ କାର୍ତ୍ତିକ ମାସ ସାରା ଭୂଇଁରେ ଶୟନ କରୁଥିବା ବ୍ୟକ୍ତି ହିଁ ସେଇ ଫଳ ଲାଭ କରିଥାଏ । ଏତଦ୍‌ଭିନ୍ନ, ଏହି ପୁଣ୍ୟ ମାସରେ ବ୍ରାହ୍ମଣ ଦମ୍ପତିମାନଙ୍କୁ ଭୁରି ଭୋଜନ ଦିଆଯାଇ ପୂଜନ କରାଯାଏ । ଯେଉଁ ବ୍ୟକ୍ତି ଦୈନିକ ଖଲି ପତ୍ରରେ ଭୋଜନ କରେ, ତାକୁ ୧୪ ଜଣ ପର୍ଯ୍ୟନ୍ତ ଇନ୍ଦ୍ରଙ୍କ ଦୁର୍ଗତିକୁ ସାମନା କରିବାକୁ ପଡି ନଥାଏ । ବରଂ ସେ ସକଳ ତୀର୍ଥ ପୁଣ୍ୟ ଫଳର ଅଧିକାରୀ ହୋଇଥାଏ । କେବଳ ସେତିକି ନୁହେଁ, ତା'ର ମନୋଷ୍କାମନା ବି ପୂର୍ତ୍ତି ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ରାତ୍ରରେ ବ୍ରତ କରି ବୃଷଭ ଦାନ କରିବା ଦ୍ୱାରା ଶିବପଦ ପ୍ରାପ୍ତ ହୁଏ । ଗୋ ମାତା, ହସ୍ତୀ, ଅଶ୍ୱ, ରଥ, ଘିଅ ଆଦି ଦାନ କରିବା ଦ୍ୱାରା ଧନ ସଂପତ୍ତି ଓ ଐଶ୍ୱର୍ଯ୍ୟ ଲାଭ ହୁଏ । ଏହି ଶୁଭ ଦିନରେ ଉପବାସ କରି ଭଗବାନଙ୍କୁ ସ୍ମରଣ ଆଉ ଚିନ୍ତନ କଲେ ଯଜ୍ଞତୁଲ୍ୟ ଫଳ ଲାଭ ହେବା ସହ ସୂର୍ଯ୍ୟୋଲୋକ ବି ପ୍ରାପ୍ତି ହୁଏ । ଏତଦ୍‌ବ୍ୟତୀତ ଏହି ପାବନ ମାସରେ ଯଦି ମେଘଦାନ କରାଯାଏ ତେବେ ଗ୍ରହଯୋଗ ରିଷ୍ଟ ବା ଦୋଷ ନାଶ ହୁଏ । ପୁନଶ୍ଚ, କନ୍ୟାଦାନ ଦ୍ୱାରା ସନ୍ତାନ ବ୍ରତ ପୂର୍ଣ୍ଣ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଆରମ୍ଭରେ ପ୍ରତି ରାତ୍ରରେ ବ୍ରତ ଆଉ ଜାଗରଣ କରିବା ଦ୍ୱାରା ସମସ୍ତଙ୍କ ମନୋବାଞ୍ଛା ଅଚିରେ ପୂରଣ ହୋଇଥାଏ । ଏହି ଦିନ କାର୍ତ୍ତିକ ବ୍ରତଧାରୀମାନେ ବ୍ରାହ୍ମଣ ଭୋଜନ, ହୋମ ଓ ଦୀପ ପ୍ରଜ୍ଜ୍ୱଳନ କରିବାର ବିଧି ମଧ ରହିଛି । ଏହି ପାବନ ଦିବସରେ ଯମୁନା ନଦୀରେ କାର୍ତ୍ତିକ ସ୍ନାନ ସାରି ରାଧାକୃଷ୍ଣଙ୍କ ପୂଜନ, ଦୀପଦାନ ତଥା ବ୍ରାହ୍ମଣ ଭୋଜନ ଆଦି କରାଯାଏ । ବିଶେଷକରି, କାର୍ତ୍ତିକ ମାସରେ ରାଶି ଦାନ, ନଦୀସ୍ନାନ, ସଦା ସାଧୁସନ୍ଥ, ସଜ୍ଜନମାନଙ୍କ ଦର୍ଶନ ଏବଂ ପଳାଶ ପତ୍ରର ଭୋଜନ, ରାଶି ମିଶ୍ରିତ ଜଳରେ ସ୍ନାନ, ନିରନ୍ତର କ୍ଷମାର ଆଶ୍ରୟ ତଥା ଭୂଇଁର ଶୟନ ଏ ସବୁ ନିୟମକୁ କାଷ୍ଠର ସହିତ ପାଳନ କରୁଥିବା ବ୍ୟକ୍ତିର ପୁରୁଷ ପୁରୁଷ ଧରି ଯୁଗ ଯୁଗର ସଂଚିତ ପାପ ନାଶ ହୋଇଥାଏ ।

କାର୍ତ୍ତିକ ମାସରେ ଦୀପ ଦାନ ବିଶେଷ ମହତ୍ତ୍ୱ ବହନ କରେ । କାର୍ତ୍ତିକ ମାସରେ ଯେଉଁ ବ୍ୟକ୍ତି ସନ୍ଧ୍ୟା ସମୟରେ ଭଗବାନ ଶ୍ରୀହରିଙ୍କୁ ଆବାହନ କରି ରାଶି ତୈଳରେ ଦୀପ ପ୍ରଜ୍ୱଳନ କରେ ସେ ଅତୁଳ ଲକ୍ଷ୍ମୀ, ରୂପ ସୌଭାଗ୍ୟ ଓ ସମ୍ପତ୍ତିର ଅଧିକାରୀ ହୋଇଥାଏ ।

କାର୍ତ୍ତିକ ମାସରେ ତୁଳସୀ ଉପାସନା ଏକ ମହାନ ପୁଣ୍ୟଦାୟକ ବିଧି । ପ୍ରୟାଗରେ ସ୍ନାନ କଲେ, କାଶୀରେ ମୃତ୍ୟୁହେଲେ ଆଉ ବେଦର ସ୍ୱାଧ୍ୟାୟ କଲେ ଯେଉଁ ପୁଣ୍ୟ ଅର୍ଜନ ହୁଏ, ତାହା କେବଳ ତୁଳସୀ ପୂଜନ ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଯେଉଁ ବ୍ୟକ୍ତି ଦ୍ୱାଦଶୀରେ ତୁଳସୀ ଏବଂ କାର୍ତ୍ତିକରେ ଅଁଳାପତ୍ର ତୋଳେ ତାର ନର୍କ ପ୍ରାପ୍ତି ହୋଇଥାଏ । ପକ୍ଷାନ୍ତରରେ ଯିଏ କାର୍ତ୍ତିକରେ ଅଁଳା ବୃକ୍ଷର ଛାୟାରେ ଉପବେଶନ କରି ଅନ୍ନ ଭୋଜନ କରିଥାଏ, ତା'ର ବର୍ଷ ତମାମ ଅନ୍ନ ସଂସର୍ଗଜନିତ ଦୋଷ ଅବା ଅଶୁଦ୍ଧ ଭୋଜନ କରିବାର ଦୋଷ ନଷ୍ଟ ହୋଇଥାଏ ।

ପୁରାଣ ଶାସ୍ତ୍ର କହେ, ଏହି ଦିନ ବ୍ରାହ୍ମ ମୁହୂର୍ତ୍ତରେ ଯେଉଁ ବ୍ୟକ୍ତି କୌଣସି ଏକ ପବିତ୍ର ନଦୀରେ ସ୍ନାନ ତର୍ପଣ କରି ଭଗବାନ ବିଷ୍ଣୁ ତଥା ତାଙ୍କ ଇଷ୍ଟ ଦେବଙ୍କ ଉପାସନା କରେ ସେ ପୁଣ୍ୟଫଳର ଅଧିକାରୀ ହୁଏ । ଆହୁରି ମଧ ଏ କଥା ବି କୁହାଯାଏ ଯେ, ଏହି ଘୋର କଳିକାଳ ଯୁଗରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବିଧିବିଧାନ ମୁତାବକ ନଦୀରେ ସ୍ନାନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏହି ଧାର୍ମିକ ମହତ୍ତ୍ୱବାଦ, ବୈଜ୍ଞାନିକ ଦୃଷ୍ଟିକୋଣରୁ ବି ରହିଛି ଏହି ସ୍ନାନର ବିଶେଷ ଗୁରୁତ୍ୱ । ବର୍ଷା ଋତୁ ଅନ୍ତେ ପାଗରେ ବ୍ୟାପକ ପରିବର୍ତ୍ତନ ଘଟେ । ଏ ସମୟରେ ଆମ ଶରୀର ନୂତନ ପରିବେଶ ସହିତ ଖାପ ଖାଇ ନଥାଏ । ଏଥିପାଇଁ କାର୍ତ୍ତିକ ମାସରେ ସକାଳୁ ସକାଳୁ ସ୍ନାନ କଲେ ଆମ ଶରୀରରେ ଉର୍ଜ୍ଜା ସୃଷ୍ଟିହୁଏ ଏବଂ ତାହା ଦିନସାରା ସଞ୍ଚିତ ହୋଇ ରହେ । ଫଳତଃ, ଆମେ ଖୁବଶୀଘ୍ର କ୍ଳାନ୍ତ ଅନୁଭବ କରି ନ ଥାଉ । ଏଭଳି ସ୍ଥିତି ଉପୁଜିବା ଦ୍ୱାରା ଆମ ମନ ବିଚଳିତ ତଥା ଉତ୍ତପ୍ତତଃ ହୋଇ ନ ଥାଏ । କେବଳ ସେତିକି ନୁହେଁ, ସକାଳୁ ଉଠି ଖୋଲା ଜାଗାରେ ଚାଲବୁଲ କଲେ ଆମେ ଶରୀର ଭିତରକୁ ପ୍ରଶ୍ୱାସରେ ତାଜା ତଥା ବିଶୁଦ୍ଧ ବାୟୁ ନେଇଥାଉ, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ । ଏସବୁ ଛଡ଼ା, ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ଅନେକ ଉତ୍କଟ ଶାରୀରିକ ବ୍ୟାଧି ବି ଦୂର ହୋଇଥାଏ ।

# ଗାନ୍ଧିଜୀ : ସତ୍ୟ, ଶାନ୍ତି ଓ ଅହିଂସାର ପ୍ରତୀକ



ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଗୁଜୁରାଟ ପୋରବନ୍ଦରରେ ୧୮୬୯ ମସିହାରେ ପିତା କରମଚାନ୍ଦ ଗାନ୍ଧୀ ଓ ମାତା ପୁତୁଳିବାଇ ଗାନ୍ଧୀଙ୍କ ଔରସରୁ ଜନ୍ମିତ ଜାତିର ଜନକ ମହାତ୍ମା ଗାନ୍ଧୀ ଥିଲେ ଜଣେ ଉପନିବେଶବାଦ ବିରୋଧୀ ଭାରତୀୟ ଓକିଲ । ସ୍ୱତନ୍ତ୍ରତା ଆନ୍ଦୋଳନର ମୁଖ୍ୟ ପୁରୋଧା । ବ୍ରିଟିଶ ଶାସନର ପରାଧୀନତାରୁ ସ୍ୱାଧୀନତାକୁ ଉତ୍ତରଣର କର୍ଣ୍ଣଧାର । ସତ୍ୟ, ଶାନ୍ତି ଓ ଅହିଂସା ଥିଲା ତାଙ୍କ ପରମ ଧର୍ମ, ଶକ୍ତିଶାଳୀ ସାଧନ, ଅଭେଦ୍ୟ ଅସ୍ତ୍ର ଯାହା ବିନା ଆଘାତ ଓ ରକ୍ତପାତରେ ଦେଶ ପାଇଁ ସ୍ୱତନ୍ତ୍ରତା ଆଣିବାରେ ସଫଳ ହୋଇଥିଲା । ମାର୍ଟିନ ଲୁଥର କିଙ୍ଗ ଜୁନିଅର ଓ ନେଲସନ ମଣ୍ଡେଲାଙ୍କ ଭଳି ସଂଗ୍ରାମୀ ନେତା ଗାନ୍ଧିଜୀଙ୍କ ନୀତି, ଆଦର୍ଶ, ଉଚ୍ଚାରଣ, ଆଚରଣ ଓ ପ୍ରେରଣାରେ ଥିଲେ ଉଦବୁଦ୍ଧ । ତାଙ୍କ ଦର୍ଶିତ ଅହିଂସା ମାର୍ଗ ଅନୁସରଣରେ ସଫଳ ହୋଇଥିଲା ଆମେରିକୀୟ ନାଗରିକ ଅଧିକାର ଆନ୍ଦୋଳନ, ଦକ୍ଷିଣ ଆଫ୍ରିକାର ରଙ୍ଗଭେଦ ବିରୋଧୀ ସଂଗ୍ରାମ । ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୭ ବର୍ଷ କାଳ ସତ୍ୟ, ଶାନ୍ତି ଓ ଅହିଂସାର ଅଭ୍ୟାସ କରି ତାକୁ ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରୟୋଗ କରିଥିଲେ । ହୋଇଥିଲେ କୃତକାର୍ଯ୍ୟ । ଛଡେଇ ଆଣିଥିଲେ ବିଦେଶୀ ହାତରୁ ଶାସନ । ସେ ଥିଲେ ଜଣେ ମହାନ ଆତ୍ମା । ୧୯୧୪ ମସିହାରେ ଦକ୍ଷିଣ ଆଫ୍ରିକାରେ ତାଙ୍କ ପାଇଁ ପ୍ରଥମକରି ମହାତ୍ମା ଉପାଧି ବ୍ୟବହୃତ ହୋଇଥିଲା । ଶ୍ରଦ୍ଧାରେ ଲୋକେ ତାଙ୍କୁ ସମ୍ବୋଧନ କରୁଥିଲେ 'ବାପୁ' । କେବଳ ଭାରତ ନୁହଁ, ସାରା ବିଶ୍ୱ ପାଇଁ ସେ ଥିଲେ ସତ୍ୟର ପୂଜାରୀ, ଶାନ୍ତିର ବାର୍ତ୍ତାବହ ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ । ଉପେକ୍ଷିତଙ୍କ ଆଲୋକବର୍ତ୍ତିକା । ୩୦, ଜାନୁଆରୀ ୧୯୪୮ ମସିହାରେ ଆତତାୟୀ ଗୁଳିରେ ନିହତ ହେବାପରେ ସେଥିପାଇଁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଦେଶକୁ ଦୁଃଖଭରା କଣ୍ଠରେ କହିଥିଲେ 'The Light has gone out' ଆଲୁଅ ଲିଭିଗଲା ।

ମହାତ୍ମା ଗାନ୍ଧୀଙ୍କ ଅହିଂସା ଦର୍ଶନ କୌଣସି ଜୀବନ୍ତ ପ୍ରାଣୀକୁ କ୍ଷତି ନପହଞ୍ଚାଇବା ନୀତି ଉପରେ ପର୍ଯ୍ୟବେସିତ । ଏହା କେବଳ ଶାରୀରିକ କ୍ଷତି ମଧ୍ୟରେ ସୀମିତ ନୁହଁ । ଏହା ଉଭୟ ଶାରୀରିକ ଓ ମାନସିକ କ୍ଷତିକୁ ଅସ୍ୱୀକୃତି ପ୍ରଦାନ କରିଥାଏ । ଅହିଂସା କେବଳ ମାତ୍ର ହିଂସାର ଅନୁପସ୍ଥିତି ନୁହଁ, ଏହା ଅନନ୍ତ ପ୍ରେମ, ପରୋପକାର, ସତ୍ୟତା, ନିର୍ଭୟତା ଇତ୍ୟାଦିର କ୍ରିୟାଶୀଳ ସକାରାତ୍ମକ ଶକ୍ତି । ସାମାଜିକ ସଂସ୍କାର ପାଇଁ ହିଂସା ବିରୋଧୀ ବିଦ୍ରୋହୀ ବିକଳ୍ପ । ଜନ ଆନ୍ଦୋଳନ ନିମିତ୍ତ ଏକ ବଳିଷ୍ଠ ମାଧ୍ୟମ । ସତ୍ୟାଗ୍ରହ । ଅର୍ଥାତ ସତ୍ୟର ବଳ, ତାକତ । ଜୀବନ୍ତ ପ୍ରାଣୀଙ୍କୁ ଶାରୀରିକ ମାନସିକ ଓ ବାଚନିକ ପୀଡା ନଦେବା ସହ ଦ୍ୱେଷ ଭାବ ନ ରଖିବା, ଘୃଣା ନ କରିବା ଓ ବ୍ୟଭିଚାର ଭ୍ରଷ୍ଟାଚାର ଆଦି କାର୍ଯ୍ୟକଳାପରେ ଲିପ୍ତ ନହେବା ଇତ୍ୟାଦି ଅହିଂସାର ମୂଳ ସିଦ୍ଧାନ୍ତ । ଶାରୀରିକ ପୀଡାପେକ୍ଷା ମାନସିକ ଓ ବାଚନିକ ପୀଡା ଅଧିକ କଷ୍ଟଦାୟକ । ଦୃଷ୍ଟାନ୍ତ ସ୍ୱରୂପ ଜଣେ ଅନ୍ଧକୁ ବାଡ଼େଇଲେ ହୁଏତ ସେ ଅଳ୍ପ ସମୟ ପରେ ଭୁଲିଯାଇପାରେ ଅଥଚ ତାକୁ ଅନ୍ଧ କହି ଥଟ୍ଟା, ବ୍ୟଙ୍ଗ କିମ୍ବା ପରିହାସ କଲେ, ବାଚନିକ ଆଘାତ ପହଞ୍ଚାଇଲେ ତାହା କଟା ଘା'ରେ ଚୂନ ଦେବା ସଦୃଶ । ସେ ମାନସିକ ଓ ଭାବାତ୍ମକ ଭାରସାମ୍ୟ ହରାଇବାର ଅଧିକ ସମ୍ଭାବନା ରୁହେ ।

ଅନ୍ୟାୟପୂର୍ଣ୍ଣ କାନୁନ ବିରୁଦ୍ଧରେ ସମୂହ ସବିନୟ ଅବଜ୍ଞା ସତ୍ୟାଗ୍ରହ ଅଟେ । ଅହିଂସା ଏକ ଆତ୍ମବଳ ପ୍ରେମବଳ ଯାହା ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସାହସୀ ଓ ନିର୍ଭିକ ସଂଗ୍ରାମ କରିବାକୁ ସାମର୍ଥ୍ୟ ଯୋଗାଏଥାଏ ବୋଲି ମହାତ୍ମା ଗାନ୍ଧୀ ଦୃଢ଼ ବିଶ୍ୱାସ କରନ୍ତି । ଶାନ୍ତିପୂର୍ଣ୍ଣ ସମାଜ ଗଠନ ପାଇଁ ହିଂସା ଆଦୌ ସହାୟକ ନୁହଁ । ନ୍ୟାୟପୂର୍ଣ୍ଣ ଆଚରଣ ସର୍ବଦୈବ ନ୍ୟାୟପୂର୍ଣ୍ଣ ପରିଣାମ ପ୍ରଦାୟକ । ସାଧନ ସବୁବେଳେ ପରିଣାମ ସହିତ ସୁସଂଗତ ଓ ତର୍କଯୁକ୍ତ ହେବା ଆବଶ୍ୟକ । ଅହିଂସା ସକ୍ରିୟ, ସକାରାତ୍ମକ । ନିଷ୍କ୍ରିୟ ଶାନ୍ତିବାଦ ନୁହଁ । ଏହା ପ୍ରେମ ଓ ନୈତିକ ସାହସର ଶକ୍ତି । ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ଓ ତାକୁ ପରାହତ କରିବାକୁ କେହିବି ଅହିସା ପଥାନୁସରଣ କରିପାରିବେ । ନିର୍ଭୟରେ ବ୍ୟବହାର କରିପାରିବେ ।

ସତ୍ୟାଗ୍ରହର ତିନୋଟି ନୀତି ରହିଛି । ପ୍ରଥମ, ବିନା ଅହିଂସାରେ ସତ୍ୟତା ଅସମ୍ଭବ । ସତ୍ୟତା ଈଶ୍ୱରଙ୍କ ସମକକ୍ଷ । ତେଣୁ ସତ୍ୟ ହିଁ ଈଶ୍ୱର ଓ ଈଶ୍ୱର ହିଁ ସତ୍ୟ କୁହାଯାଏ । ଦ୍ୱିତୀୟ, ଅହିଂସା । ତୃତୀୟ, ତପସ୍ୟା । ତପସ୍ୟା ଅର୍ଥ ପରିବର୍ତ୍ତନ ପାଇଁ ସତ୍ୟାଗ୍ରହୀର କଷ୍ଟ ସହିବାର ଇଚ୍ଛାଶକ୍ତି । ଏହା ପ୍ରତିପକ୍ଷର ବିବେକକୁ ଯାଚନା, ପ୍ରାର୍ଥନା । ଦକ୍ଷିଣ ଆଫ୍ରିକା ବିଭେଦକ କାନୁନ ବିରୁଦ୍ଧରେ ୨୭ ବର୍ଷ ଅହିଂସାନ୍ଦୋଳନାଭ୍ୟାସ ଉପରାନ୍ତେ ଗାନ୍ଧିଜୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମରେ କେବଳ ଭାଗ ନେଇନଥିଲେ । ନେତୃତ୍ୱ ପ୍ରଦାନ କରିଥିଲେ । ଆନ୍ଦୋଳନରେ ସତ୍ୟ, ଶାନ୍ତି ଓ ଅହିଂସା ନୀତିର ପ୍ରୟୋଗ କରି ସଫଳ ହୋଇଥିଲେ । ସିଏ ଅସହଯୋଗ ଆନ୍ଦୋଳନ (୧୯୨୦ - ୨୨) ହେଉ କିମ୍ବା ହେଉ ଲବଣ ସତ୍ୟାଗ୍ରହ (୧୯୩୦) ଅଥବା ହେଉ ଭାରତ ଛାଡ଼ ଆନ୍ଦୋଳନ (୧୯୪୨) । ପ୍ରତ୍ୟେକ ଆନ୍ଦୋଳନରେ ସତ୍ୟ, ଶାନ୍ତି ଓ ଅହିଂସା ପରିସ୍ଫୁଟ ହେଉଥିଲା । ଅସତ୍ୟ, ଅଶାନ୍ତି ଓ ହିଂସାର ସ୍ଥାନ ନଥିଲା । ଏପରିକି ଅସହଯୋଗ ଆନ୍ଦୋଳନ ଯାହାର ମୂଳତତ୍ତ୍ୱ ବ୍ରିଟିଶ ସାମଗ୍ରୀ, ଅନୁଷ୍ଠାନ ଓ କାନୁନର ଶାନ୍ତିପୂର୍ଣ୍ଣ ଅହିଂସକ ବହିଷ୍କାର ଥିଲା ଚୌରି ଚୌରାରେ ହିଂସାତ୍ମକ କାର୍ଯ୍ୟକଳାପର ବିସ୍ଫୋଟ ହେତୁ ସମ୍ପୃକ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ମହାତ୍ମା ଗାନ୍ଧୀ ଦୁଃଖର ସହିତ ଏହି କାର୍ଯ୍ୟକ୍ରମରୁ ଓହରି ଯାଇଥିଲେ । ବ୍ରିଟିଶ ସରକାରଙ୍କ ଲୁଣ ଉପରେ ଅନ୍ୟାୟ କର ଆଦାୟ ବିରୁଦ୍ଧରେ ୨୪ ଦିନ ଶାନ୍ତିପୂର୍ଣ୍ଣ ଅହିଂସ ଡାଣ୍ଡି ଯାତ୍ରା କରି ଆନ୍ଦୋଳନକାରୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରବ ସାଗରରୁ ଲୁଣ ମାରିଥିଲେ, ସଂଗ୍ରହ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଗାନ୍ଧିଜୀଙ୍କ ଭାରତ ଛାଡ଼ ଆନ୍ଦୋଳନ ଓ ସମୂହ ସବିନୟ ଅବଜ୍ଞା ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତ ଓ ଅହିଂସକ ଥିଲା ।

ମହାତ୍ମା ଗାନ୍ଧୀଙ୍କ ଅସୀମ ଧୈର୍ଯ୍ୟ, ଅଦମ୍ୟ ସାହସ, ଶାନ୍ତିପ୍ରିୟ ସ୍ୱଭାବ, ସତ୍ୟ ପ୍ରତି ଆସ୍ଥା, ଅହିଂସକ ମନୋବୃତ୍ତି ଦେଶରେ ଜନ ଜାଗରଣ ସହିତ ନିଃସ୍ୱାର୍ଥପର କ୍ରାନ୍ତିକାରୀ ତିଆରିଥିଲା । ପରିଶେଷରେ ଅନନ୍ୟୋପାୟ ବ୍ରିଟିଶ ସରକାରକୁ ଭାରତ ଛାଡିବାକୁ ପଡିଥିଲା । ଦେଶ ୧୯୪୭ ମସିହା ଅଗଷ୍ଟ ମାସ ପନ୍ଦର ତାରିଖ ବିଦେଶୀ ଶାସନ ଶୃଙ୍ଖଳରୁ ନିଜକୁ ମୁକ୍ତ କରିବାରେ ସକ୍ଷମ ହୋଇଥିଲା । ଗାନ୍ଧିଜୀଙ୍କ ଅପରାଜେୟ ନେତୃତ୍ୱ ଯୋଗାଇଥିଲା ବୈଶ୍ୱିକ ପ୍ରେରଣା । ସତ୍ୟ, ଶାନ୍ତି ଓ ଅହିଂସା ଦୁର୍ବଳଙ୍କ ଅସ୍ତ୍ର ନୁହଁ । ଗାନ୍ଧିଜୀ ସ୍ୱୟଂ ଏସବୁ ବଳିଷ୍ଠ ଗୁଣ ବିକଶିତ କରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରୟୋଗ କରିଥିଲେ । ଗାନ୍ଧିଜୀ ସତ୍ୟ, ଶାନ୍ତି ଓ ଅହିଂସାର ଜାଜ୍ୱଲ୍ୟମାନ ପ୍ରତୀକ ଅଟନ୍ତି । ଗାନ୍ଧିବାଦୀ ନୀତିଶିକ୍ଷା ବିଦ୍ୟାଳୟ ପାଠ୍ୟକ୍ରମାନ୍ତର୍ଭୁକ୍ତ ହେଲେ ବାପୁଙ୍କ ରାମରାଜ୍ୟ ସ୍ୱପ୍ନ ସାକାର ହୁଅନ୍ତା ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

# ରାଜସୀ ଦାନ

କଠୋପନିଷଦରେ ନଚିକେତାଙ୍କ କଥା ଆସେ । ନଚିକେତାଙ୍କ ପିତା ଆରୁଣି ଉଦ୍ଦାଳକ ଏକ ବିଶାଳ ଯଜ୍ଞର ଆୟୋଜନ କଲେ । ଯଜ୍ଞର ଆୟୋଜନ କରିବା ସମୟରେ ସେ ସଂକଳ୍ପ ନେଲେ ଯେ ସଫଳତା ପୂର୍ବକ ଯଜ୍ଞ ସମ୍ପନ୍ନ ହେଲେ ସେ ଏକ ଶତ ଗୋ ଦାନ କରିବେ । ଯଜ୍ଞ ସଫଳତା ପୂର୍ବକ ସମ୍ପନ୍ନ ହୋଇଯିବା ପରେ ଯେବେ ଦାନ ଦେବାର ସମୟ ଆସିଲା ତ ସେ ବାଛି ବାଛି ଦୁଧ ଦେଇପାରୁ ନ ଥିବା ଓ ବନ୍ଧ୍ୟା ଗାଈମାନଙ୍କୁ ଦେବା ଆରମ୍ଭ କଲେ ।

ଏହି ଦୃଶ୍ୟ ଦେଖି ନଚିକେତା ପିତାଙ୍କୁ ପ୍ରଶ୍ନ କଲେ- 'ପିତାଜି ! ଏହା ତ ଶାସ୍ତ୍ରୋକ୍ତ ଦାନ ନୁହେଁ । ଶୁଭ ଉଦ୍ଦେଶ୍ୟରେ ଉଚିତ ପାତ୍ରକୁ ଶୁଭ ବସ୍ତୁ ଦାନ କରିବା ହିଁ ଦାନ ଦେବାର ପ୍ରକୃତ ଅର୍ଥ ହୋଇଥାଏ । ଆପଣ ତ ଏମିତି ଗାଈଙ୍କୁ ଦାନ କରୁଛନ୍ତି, ଯାହା ଗ୍ରହୀତାଙ୍କ ପାଇଁ କୌଣସି ମୂଲ୍ୟର ନୁହେଁ ।'

ପୁତ୍ରର ବଚନ ଶୁଣି ପିତାଙ୍କ ମନରେ କ୍ରୋଧ ଆସିଲା ଏବଂ କ୍ରୋଧରେ ତାଙ୍କ ମୁହଁରୁ ବାହାରି ପଡ଼ିଲା- 'ନଚିକେତା ! ତୁମେ ମୋ ପାଇଁ ସବୁଠାରୁ ଅଧିକ ମୂଲ୍ୟବାନ୍ । ମୁଁ ତୁମକୁ ମୃତ୍ୟୁର ଦେବତା ଯମଙ୍କୁ ଦାନ ଦେଉଛି ।'' ପିତାଙ୍କ ବଚନ ଶୁଣିବା ମାତ୍ରେ ନଚିକେତା ତୁରନ୍ତ



ଯମଙ୍କ ଘରକୁ ପ୍ରସ୍ଥାନ କଲେ ।

ଯମଙ୍କ ନିବାସରେ ପହଞ୍ଚିବା ପରେ ଯମ ସେଠାରେ ନ ଥିବା କଥା ସେ ଜାଣିବାକୁ ପାଇଲେ । ତିନି ଦିନ- ତିନି ରାତି ସେ ସେଠାରେ ପ୍ରତୀକ୍ଷା କଲେ । ଯେତେବେଳେ ଯମ ଆସିଲେ ତ କିଶୋର ନଚିକେତାଙ୍କୁ ସେଠାରେ ଦେଖି ତାଙ୍କୁ ସେଠାକୁ ଆସିବାର କାରଣ ପଚାରିଲେ । ସମ୍ପୂର୍ଣ୍ଣ ପ୍ରକରଣକୁ ଜାଣିବା ପରେ ଯମ ନଚିକେତାଙ୍କ ସମର୍ପଣ ଭାବ ପ୍ରତି ଅନୁରକ୍ତ ହେଲେ ଏବଂ ନଚିକେତାଙ୍କୁ କହିଲେ- 'ମୁଁ ତୁମର ସମର୍ପଣ ଭାବକୁ ଦେଖି ଅତ୍ୟନ୍ତ ଆହ୍ଲାଦିତ । ତୁମେ ତିନି ଦିନ ଓ ତିନି ରାତି ଯେଉଁ ଭାବରେ ମୋର ପ୍ରତୀକ୍ଷା କରିଛ, ତାହାର ପ୍ରତିବଦଳରେ ମୁଁ ତୁମକୁ ତିନିଟି ବରଦାନ ପ୍ରଦାନ କରିବାକୁ ଚାହେଁ । ତୁମର ଯାହା ଇଚ୍ଛା, ତାହା ତୁମେ ମାଗିନିଅ ।'

ନଚିକେତା ପ୍ରତ୍ୟୁତ୍ତରରେ ଯମଙ୍କ ଠାରୁ ପିତାଙ୍କ ପାଇଁ କ୍ଷମାଦାନ ଯାଚନା କଲେ । ସେ କହିଲେ- 'ଜ୍ଞାତ ଅଜ୍ଞାତରେ ପିତାଙ୍କ ଦ୍ୱାରା ଯେଉଁ ଭୁଲ ହୋଇଯାଇଛି, ତାହାର ପାପ ତାଙ୍କୁ ନ ଲାଗୁ ।'' ଦ୍ୱିତୀୟ ବରଦାନ ରୂପେ ସେ ଯଜ୍ଞର ବିଜ୍ଞାନର ରହସ୍ୟ ଜାଣିବାକୁ ଚାହିଁଲେ ଏବଂ ତୃତୀୟ ବରଦାନ ରୂପେ ସେ ଅଧ୍ୟାତ୍ମ ବିଦ୍ୟାର ମର୍ମ ଜାଣିବାର ଇଚ୍ଛା ବ୍ୟକ୍ତ କଲେ । ଉଭୟଙ୍କ ମଧ୍ୟରେ ଏହି ସଂବାଦ ହିଁ କଠୋପନିଷଦ୍ ନାମରେ ପ୍ରସିଦ୍ଧ । ଯେଉଁ ପ୍ରକାର ଦାନ ଦେବାର ଭାବ ନଚିକେତାଙ୍କ ପିତାଙ୍କ ମନରେ ଆସିଥିଲା, ତାହା ରାଜସୀ ଦାନ ଅଟେ, ସେଥିରେ କ୍ଲେଶଯୁକ୍ତ ଭାବ ସନ୍ନିହିତ । ସାତ୍ତ୍ୱିକ ଦାନରେ ଦାତାର ହୃଦୟରେ କର୍ତ୍ତବ୍ୟ ଓ ଦାୟିତ୍ୱର ବୋଧ ଥାଏ । କର୍ତ୍ତବ୍ୟର ଅର୍ଥ ଆମେ କୌଣସି କାର୍ଯ୍ୟକୁ ବୋଝ ମନେ କରି ଜବରଦସ୍ତି କରିବା ନାହିଁ, ବରଂ କର୍ତ୍ତବ୍ୟ ଶବ୍ଦର ଅର୍ଥ ଏପରି ଭାବରେ ସେହି କାର୍ଯ୍ୟକୁ କରିବା ଯାହା ଅତିରିକ୍ତ ଅନ୍ୟ କିଛି ବି କରିବା ଯୋଗ୍ୟ ରହେ ନାହିଁ । ତେଣୁ ସାତ୍ତ୍ୱିକ ଦାନ ଭିତରର ଆନନ୍ଦର ଫଳସ୍ୱରୂପ ପ୍ରବାହିତ ହୋଇଥାଏ । ସେଥିରେ ଦାତା, ଦାନ ଗ୍ରହୀତା ଠାରୁ ଅଧିକ ତୃପ୍ତି ଓ ସନ୍ତୋଷ ଅନୁଭବ କରିଥାଏ । ଏହାର ବିପରୀତ ରାଜସୀ ଦାନଦାତା ଦାନ ଦେଇ ମଧ୍ୟ ଅସନ୍ତୋଷ ଓ ଅତୃପ୍ତି ଅନୁଭବ କରିଥାଏ । କାରଣ ସେ ଦାନ ଦେବା କାର୍ଯ୍ୟକୁ ପ୍ରତିଦାନର କାମନାରେ କ୍ଲେଶପୂର୍ବକ କରିଥାଏ । ଶ୍ରୀଭଗବାନଙ୍କ ମତରେ ଏପରି ବ୍ୟକ୍ତିର ଦାନ କ୍ଲେଶପୂର୍ବକ କରାଯାଇଥିବା ଦାନ ହୋଇଯାଏ ।

## ଆଜିର ଚିନ୍ତନ

ଲୀଳାମୟ ଭକ୍ତବତ୍ସଳ ଶ୍ରୀହରି ବିଷ୍ଣୁ କଳିଯୁଗ ଆଗମନ ପୂର୍ବରୁ ତାଙ୍କ ପ୍ରିୟ ଭକ୍ତ ଦେବର୍ଷି ନାରଦଙ୍କୁ କହିଥିଲେ ଯେ, ସେ ସର୍ବଦା ତାଙ୍କର ପ୍ରକୃତ ଭକ୍ତମାନଙ୍କ ହୃଦୟ କନ୍ଦର ମଧ୍ୟରେ ନିବାସ କରି ରହିଥାନ୍ତି । ଏଠାରେ ଶ୍ରୀହରିଙ୍କ ମୁଖନିଃସୃତ 'ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ, ମଦ୍ ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ' ଉଲ୍ଲେଖନୀୟ । ଯୁଗାନୁସାରେ ଶ୍ରୀହରିଙ୍କର ଅନେକ ଭକ୍ତ ତାଙ୍କର କୃପାପ୍ରାପ୍ତ ହୋଇଛନ୍ତି । ସତ୍ୟଯୁଗରେ ମାତ୍ର ୫ବର୍ଷର ବାଳକ ଧ୍ରୁବ ୫ ମାସର କଠୋର ତପସ୍ୟା ପରେ ଶ୍ରୀବିଷ୍ଣୁଙ୍କର ଦର୍ଶନ ଲାଭ କରିଥିଲା । ସେହିପରି ପ୍ରହ୍ଲାଦ ମଧ୍ୟ ନୃସିଂହ ଭଗବାନଙ୍କ କୃପାପ୍ରାପ୍ତ ହୋଇଥିଲା । ତ୍ରେତୟା ଯୁଗରେ ଶ୍ରୀହନୁମାନ, ନଳ, ନୀଳ, ଜାମ୍ବବାନ ଓ ଶବରୀ ପ୍ରମୁଖ ଭକ୍ତଗଣ ପରମେଶ୍ୱର ଶ୍ରୀରାମଚନ୍ଦ୍ରଙ୍କ କୃପାପ୍ରାପ୍ତ ହୋଇଥିଲେ । ଦ୍ୱାପର ଯୁଗରେ ମାତା ଦ୍ରୌପଦୀ, ଅର୍ଜୁନ, ସୁଦାମା ପ୍ରମୁଖ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତ ହୋଇଥିଲେ । ସୁଦାମା ହାତରୁ ଦୁଇମୁଠା ଖୁଦଭଜା ଖାଇ ତାଙ୍କୁ ୨ଗୋଟି ଲୋକ ପ୍ରଦାନ କରିଦେଇଥିଲେ । ଯଦି ମହାଲକ୍ଷ୍ମୀଙ୍କ ଅବତାର ରୁକ୍ମିଣୀ ମାତା ଭଗବାନ ଶ୍ରୀକୃଷ୍ଣଙ୍କୁ ୩ୟ ମୁଠା ଖୁଦଭଜା ଖାଇବାରୁ ନିବୃତ୍ତ କରି ନ ଥାନ୍ତେ, ତେବେ ସେ ସୁଦାମାଙ୍କୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଦାନକରି ଦେଇଥାନ୍ତେ । ଏହି ଘୋର କଳିଯୁଗରେ ମଧ୍ୟ ମୀରାବାଈ, ନିଗମାନନ୍ଦ ପରମହଂସ, ଶ୍ରୀରାମକୃଷ୍ଣ ପରମହଂସ, ବାମାକ୍ଷେପା ଓ ନଣ୍ଡାବାବା ପ୍ରମୁଖ ଭକ୍ତଗଣ ଶ୍ରୀବିଷ୍ଣୁଙ୍କର ଦର୍ଶନ ଓ କୃପାଲାଭ ପୂର୍ବକ ଚତୁର୍ବର୍ଗ ଫଳପ୍ରାପ୍ତ ହୋଇଛନ୍ତି । ଅଚ୍ଛବ ଦାସିଆ ବାଉରୀକୁ ଶ୍ରୀମନ୍ଦିର ପ୍ରବେଶ ନିଷିଦ୍ଧ କରାଯାଇଥିଲା । ସୁତରାଂ, ସେ ତାଙ୍କ ନିଜ ଗ୍ରାମର ଜନୈକ ବ୍ରାହ୍ମଣ ହସ୍ତରେ ଏକ ଶ୍ରୀଫଳ ପଠାଇ କହିଥିଲା- ଯଦି ଶ୍ରୀଜଗନ୍ନାଥ ସ୍ୱହସ୍ତରେ ତାହା ଗ୍ରହଣ କରନ୍ତି ତେବେ ସେ ପ୍ରଦାନ କରିବ, ଅନ୍ୟଥା ଫେରାଇ ଆଣିବ । କିନ୍ତୁ ଭଗବାନ ନିଜ ହସ୍ତରେ ତାହା ଗ୍ରହଣ କରିଥିଲେ । ସେହିପରି ଯବନ ଭକ୍ତ ସାଲବେଗ ଆସିବା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକି ରହିଥିଲା । ଏକଦା ଅଶୌଚ ବଳରାମ ଦାସଙ୍କ ବାଲିରଥରେ ଶ୍ରୀଜଗନ୍ନାଥ ବିଜେ କରି ତାଙ୍କର ମାନ ରକ୍ଷା କରିଥିଲେ । ଯେଉଁମାନେ ଈଶ୍ୱରଙ୍କୁ ନିଜର ପିତାମାତା ଓ ଶେଷ ଆଶ୍ରୟସ୍ଥଳ ବୋଲି ଗ୍ରହଣ କରି ଅତୁଟ ଭକ୍ତି, ବିଶ୍ୱାସ ଓ ପୂର୍ଣ୍ଣ ସମର୍ପଣ ଭାବରେ ତାଙ୍କ ନାମକୁ ସର୍ବଦା ଭଜନ ଓ କୀର୍ତ୍ତନ କରନ୍ତି, ଶ୍ରୀହରି ସର୍ବଦା ସେହି ଭକ୍ତମାନଙ୍କ ହୃଦୟରେ ହିଁ ନିବାସ କରି ରହିଥାନ୍ତି ଓ ସେମାନଙ୍କୁ ସବୁ ବିପଦଆପଦରୁ ରକ୍ଷା କରିଥାନ୍ତି । ଆଜିକାଲି ଅନେକ ଅସାଧୁ ଲୋକ ସଂଚିତ କଳାଧନ ଖର୍ଚ୍ଚକରି ଦେବଦେବୀଙ୍କ ମନ୍ଦିର ନିର୍ମାଣ କରୁଛନ୍ତି, ହେଲେ ସେମାନେ ଈଶ୍ୱରଙ୍କ କୃପାପ୍ରାପ୍ତ ହୋଇପାରୁ ନାହାନ୍ତି । ସୁତରାଂ, ଆମେ ସମସ୍ତେ ଆବାଲ୍ୟରୁ ସଂପୂର୍ଣ୍ଣ ସମର୍ପଣ ଓ ଅତୁଟ ଭକ୍ତି ଓ ବିଶ୍ୱାସର ସହିତ ଶ୍ରୀହରିଙ୍କ ଭଜନ ଓ କୀର୍ତ୍ତନ କରି ତାଙ୍କର କୃପାପ୍ରାପ୍ତ ହୋଇ ନିଜର ଦୁର୍ଲଭ ମନୁଷ୍ୟ ଜନ୍ମକୁ ସାର୍ଥକ କରିବା ଉଚିତ୍ ।

ବର୍ଷ ୨୯, ସଂଖ୍ୟା - ୪୧, ୧୨ - ୧୮ ଅକ୍ଟୋବର ୨୦୨୫

## ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ


ରାଜ୍ୟରେ ବିଗିଡ଼ି ଗଲାଣି ଏବେ ଆଇନଶୃଙ୍ଖଳା । ପୁଲିସକୁ ଅପରାଧୀଙ୍କ ଭ୍ରୂକ୍ଷେପ ନାହିଁ । ଦିନ ଦି ପହରେ ଅଣ୍ଟାରେ ବନ୍ଧୁକ ଖୋସି ଅପରାଧୀ ରାଜୁତି କରୁଛନ୍ତି । ଯେଉଁଠି ଯାହାକୁ ପାରିଲେ ମଉକା ପାଇ ଗୁଳି କରୁଛନ୍ତି । ପ୍ରତିଦିନ ରାଜ୍ୟର ସବୁ ଅଞ୍ଚଳରୁ ହତ୍ୟା, ରାହାଜାନୀ, ସାମ୍ପ୍ରଦାୟିକ ଗଣ୍ଡଗୋଳ ଘଟଣା ଆସିବାରେ ଲାଗିଛି । ଗତ ୧୫ ମାସ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ ଆଦି ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବ ଭଙ୍ଗ ହୋଇଛି । ପାଞ୍ଚଟି ସ୍ଥାନରେ କର୍ଫ୍ୟୁ ଲାଗିଛି । ଗତ ୩ ଦଶନ୍ଧିରେ ସମ୍ଭବତଃ ପ୍ରଥମଥର ପାଇଁ ଭାଇଚାରାର ସହର କୁହାଯାଉଥିବା କଟକ ସହରବାସୀ ପୁଣିଥରେ କର୍ଫ୍ୟୁର ସମ୍ମୁଖୀନ ହୋଇଛନ୍ତି ।

ମୋଟାମୋଟି ଭାବରେ ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ କି ସରକାରଙ୍କ ଅଙ୍କୁଶ ନାହିଁ । କଟକ ଭସାଣିକୁ ନେଇ ଗଣ୍ଡଗୋଳ ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଥିବାବେଳେ ବ୍ରହ୍ମପୁରରେ ଶାସକ ଦଳର ଜଣେ ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି । ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଏହା ପ୍ରଶ୍ନ ଉଠାଇଛି । କଟକ ଘଟଣା ପରେ ପୁଲିସ ଗୁଇନ୍ଦା ବ୍ୟବସ୍ଥା ନିଷ୍କ୍ରିୟ ହୋଇଥିବା ଅନୁଭୂତ ହୋଇଛି ଓ ବ୍ରହ୍ମପୁରରେ ଆଇନଜୀବୀଙ୍କ ହତ୍ୟା ଘଟଣା ଅରାଜକତା ଉପରେ ମୋହର ମାରିଛି । ଦୁଷ୍କର୍ମ, ଗଣଦୁଷ୍କର୍ମରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବା ଓଡ଼ିଶା ଏବେ ହତ୍ୟାରେ ନୂଆ ରେକର୍ଡ଼ କରିବାକୁ ଯାଉଛି । ଗତ କେଇଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୯ଟି ହତ୍ୟାକାଣ୍ଡ ପଞ୍ଜୀକୃତ ହୋଇଥିଲେ ହେଁ ଏହି ମାମଲାରେ ମାତ୍ର ୧୫ ଜଣଙ୍କୁ ପୁଲିସ ଗିରଫ କରିବାକୁ ସମର୍ଥ ହୋଇଛି ।


ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ରାଜ୍ୟରେ ୩୦୫୪ଟି ବଳାତ୍କାର ଓ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଛି । ସେହିପରି ୩୫୬ ଡକାୟତି, ୨,୫୮୨ ଛିନ୍‌ତାଇ, ୬, ୪୦୮ ଚୋରି, ୧୭, ୮୦୫ ଚୋରି, ୬, ୩୦୭ ଠକେଇ, ୧୪୭୧ ଦଙ୍ଗା, ୩୦୫୪ ବଳାତ୍କାର ଘଟିଛି । ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି । ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବାବେଳେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି । ଖୋଦ ରାଜଧାନୀର ଛାତି ଉପରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ । ଅଗଷ୍ଟ ୧୮ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବାବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ପୋଲିସ୍ ରାଜନୈତିକ ନେତାମାନଙ୍କ ଖାସ୍ କରି ଶାସକ ଦଳର ନେତାମାନଙ୍କ ହାତ ବାରିସି ହୋଇ କାମ କରୁଥିବାରୁ ଅପରାଧିମାନଙ୍କ ଉପରେ ପୁଲିସ୍‌ର ନିୟନ୍ତ୍ରଣ ରହୁ ନଥିବା ଅଭିଯୋଗ ହୋଇଛି । ତେଣୁ ପୋଲିସ୍ ଏଥିରୁ ନିବୃତ୍ତ ରହି ନିରପେକ୍ଷ ଭାବେ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବା ଆବଶ୍ୟକ ।

## ସୁସ୍ୱାସ୍ଥ୍ୟ ପାଇଁ ଖାଆନ୍ତୁ ଫଳ

ନିୟମିତ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ପିଲାଠାରୁ ବୟସ୍କ ସମସ୍ତଙ୍କ ପାଇଁ ଉତ୍ତମ ବିଭିନ୍ନ ରକମର ଫଳ ଶରୀରର ଭୋଗ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୀର୍ଘାୟୁ କରିଥାଏ । ଦିଲ୍ଲୀର ନାମକରା ଖାଦ୍ୟ ବିଶେଷଜ୍ଞ ଡାକ୍ତର ଅମିତା ସିଂହବତା ଏ ସଂକ୍ରାନ୍ତରେ ଆବଶ୍ୟକ ତଥ୍ୟ ଉପସ୍ଥାପନା କରିଛନ୍ତି । ନିୟମିତ ଭାବେ ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଅର୍ଶ ରୋଗ ଦୂର ହୋଇଥାଏ । ତରକାରିରେ ଅମୃତଭଣ୍ଡା ପ୍ରୟୋଗ କରିବା ଶରୀର ପାଇଁ ଖୁବ୍ ଭଲ । ହୃଦରୋଗ ଓ ତ୍ୱଚା ନିମନ୍ତେ ତରଭୁଜ ଖୁବ୍ ଉପକାରୀ । ଦୈନିକ ଏହାକୁ ଖାଇଲେ କେଶର ଘନତ୍ୱ ମଧ୍ୟ ବଢ଼େ ।



ଶରୀରରେ ହରମୋନ୍ ଅସନ୍ତୁଳନ ହେଉଥିଲେ ପ୍ରତ୍ୟହ ପିଜୁଳି ଖାଇଲେ ସେ ସମସ୍ୟା ଯଥା ଶୀଘ୍ର ଦୂର ହୁଏ ବୋଲି ବିଶେଷଜ୍ଞଙ୍କ ମତ । ମାସକୁ ଥରେ କିମ୍ବା ୨ ଥର ଅନ୍ତତଃ ଜାମୁକୋଳି ଖାଇବା ଉଚିତ । ଏହା ଦ୍ୱାରା ପେଟର ଜୀବାଣୁ ନଷ୍ଟ ହୋଇଥାଏ । ଖରାଦିନିଆ ଫଳ ଆମ୍ବ ସୁଆଦିଆ ହେବା ସହ ଏହାକୁ ଖାଇଲେ ବୃକକ୍ ରୋଗ ହୋଇ ନ ଥାଏ ।



## ବ୍ରହ୍ମଚର୍ଯ୍ୟର ଆବଶ୍ୟକତା

### ମହାତ୍ମା ଗାନ୍ଧୀ

ନାରୀ ଓ ପୁରୁଷ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡିକୁ ଯଦି ଆମେ ଏକ ସୁସ୍ଥ ଓ ଶୁଦ୍ଧ ଆଖିରେ ଦେଖି ପାରିବା, ତେବେ ବର୍ତ୍ତମାନ ଆମେ ଭୋଗ କରୁଥିବା ଯାବତୀୟ ଦୁଃଖର ଏକ ବୃହତ୍ ଅଂଶର ଅପନୋଦନ ଅବଶ୍ୟ ସମ୍ଭବ ହୋଇଯିବ । ସେହି କ୍ଷେତ୍ରରେ ଆମେ ନିଜକୁ ଭବିଷ୍ୟତର ବଂଶଧରମାନଙ୍କର ନୈତିକ କଲ୍ୟାଣ ନିମନ୍ତେ ଉତ୍ତରଦାୟୀ ବୋଲି ମଧ୍ୟ ବିଚାର କରୁଥିବା ।

ବ୍ରହ୍ମଚର୍ଯ୍ୟ ବିନା ବ୍ୟତୀତ ହେଉଥିବା ଜୀବନକୁ ମୁଁ ଅତ୍ୟନ୍ତ ନୀରସ ଏବଂ ପଶୁତୁଲ୍ୟ ବୋଲି ବିଚାର କରିଥାଏ । ପଶୁ ପ୍ରକୃତିଦ୍ୱାରା ପ୍ରେରିତ ହୋଇ ଆଦୌ କୌଣସି ଆତ୍ମସଂଯମ ଜାଣି ନ ଥାଏ । ମାତ୍ର, ମନୁଷ୍ୟ ଆତ୍ମ ସଂଯମ ଲାଗି ସମର୍ଥ ହୋଇଥିବାରୁ ଏବଂ ତାହାର ଅଭ୍ୟାସ କରୁଥିବାରୁ ହିଁ ତାହାକୁ ମନୁଷ୍ୟ ବୋଲି କୁହାଯାଇଥାଏ । ଆଗେ ମୋତେ ଯାହା ଆମର ଧର୍ମ ପୁସ୍ତକମାନଙ୍କରେ ବ୍ରହ୍ମଚର୍ଯ୍ୟ ବିଷୟରେ ଅତିବେଶୀ ପ୍ରଶଂସା ବୋଲି ବୋଧ ହେଉଥିଲା, ଏବେ ପ୍ରତ୍ୟହ ଅଧିକରୁ ଅଧିକ ସ୍ପଷ୍ଟ ଭାବରେ ତାହା ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ ଏବଂ ଅଭିଜ୍ଞତା ଉପରେ ପର୍ଯ୍ୟବେସିତ ବୋଲି ମୋ'ର ମନେ ହେଉଛି । ମୋ'ର ମତ ଯେ, ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଲାଭ କରିବା ନିମନ୍ତେ ଭାବନାରେ , ବଚନରେ ଏବଂ କର୍ମରେ ପୂର୍ଣ୍ଣ ସଂଯମର ଜୀବନ ଯାପନ କରିବା ଏକାନ୍ତ ଆବଶ୍ୟକ । ଯେଉଁ ଜାତିରେ ଏଭଳି ବ୍ୟକ୍ତିଙ୍କର ଅଭାବ ରହିଛି, ସେହି ଅଭାବ ସକାଶେ ଆମେ ସେହି ଜାତିକୁ ଅବଶ୍ୟ ଅଧିକ ଦରିଦ୍ର ବୋଲି କହିବା ।

## କାର୍ତ୍ତିକେୟଙ୍କ ଜନ୍ମ

ପ୍ରାଚୀନକାଳର କଥା, ବହୁଦିନ ପୂର୍ବେ ଏକ ମହା ପରାକ୍ରମ ଶାଳୀ ଅସୁର ଥିଲା । ତା ବିଶାଳକାୟ ଶରୀର ବଜ୍ରପ୍ରାୟ କଠିନ ଥିବାରୁ ତାହାର ନାମ ହୋଇ ଥିଲା ବଜ୍ରାଙ୍ଗ । ପ୍ରଜାପତି କଶ୍ୟପ ଓ ଦନୁ ତାର ପିତା ମାତା ଥିଲେ । ବହୁ କାଳ ଅସୁର ଭାବେ ଜୀବନ କଟାଇବା ପରେ ସେ ଅସୁର ପ୍ରକୃତିରୁ ମୁକ୍ତ ହେବା ଚାହିଁ ଘୋର ତପସ୍ୟା ଆରମ୍ଭ କଲା । ଶହଶହବର୍ଷ ଧରି ତାର ସେହି କଠୋର ତପସ୍ୟା ଫଳରେ ଇନ୍ଦ୍ର ଭୟଭୀତ ହୋଇପଡ଼ିଲେ । ଦୈତ୍ୟ ବଜ୍ରାଙ୍ଗ ତପସ୍ୟା କରୁଥିବା ବେଳେ ତାର ପତ୍ନୀ ବରାଙ୍ଗୀ ଘରେ ଏକୁଟିଆ ଥାଏ । ଦିନେ ଗୋଟିଏ ମର୍କଟ ଆସି ବରାଙ୍ଗୀକୁ ବହୁତ ହଇରାଣ କଲା । ତା ପରେ ଆଉ ଦିନେ ଗୋଟିଏ ସିଂହ ଆସି ତାକୁ ଖାଇବ ବୋଲି ଭୟ ଦେଖାଇଲା । ପୁଣି ଦିନେ ଗୋଟିଏ ସର୍ପ ଆସି ତା'ର ପାଦକୁ ଦଂଶନ କଲା । ବିଷ ଜ୍ୱାଳାରେ ସେ ବହୁତ କଷ୍ଟ ପାଇଲା । ଏକ ପର୍ଯ୍ୟାୟ ତପସ୍ୟା ପରେ ଦିନେ ବଜ୍ରାଙ୍ଗ ଘରକୁ ଆସିଲା । ବରାଙ୍ଗୀ କାନ୍ଦି କାନ୍ଦି ତାକୁ କହିଲା, ଦେବରାଜ ଇନ୍ଦ୍ର ସେହି ମାଙ୍କଡ, ସିଂହ ଓ ସାପ ବେଶରେ ଆସି ତାକୁ ହଇରାଣ କରୁଛନ୍ତି । ଏହା ଶୁଣି ବଜ୍ରାଙ୍ଗ ଖୁବ୍ ଜୋରରେ କ୍ରୋଧିତ ହୋଇ ଉଠିଲା । ଇନ୍ଦ୍ରଙ୍କୁ ଶାସ୍ତି ଦେବା ପାଇଁ ପ୍ରତିଜ୍ଞା କରି ପୁଣି ଯାଇ ତପସ୍ୟାରେ ନିମଗ୍ନ ହେଲା ।

ଅସୁର ବଜ୍ରାଙ୍ଗର କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ତା ସମ୍ମୁଖରେ ଆବିର୍ଭୂତ ହୋଇ ଆଶୀର୍ବାଦ କରି କହିଲେ ବତ୍ସ । ମୁଁ ଏବେ ତୁମ୍ଭର ତପସ୍ୟାରେ ସନ୍ତୁଷ୍ଟ, ଏବେ କି ବର ମାଗୁଛ ମାଗ । ଦୈତ୍ୟ ବଜ୍ରାଙ୍ଗ ତାଙ୍କଠାରୁ ବର ସ୍ୱରୂପ ବୀର ଓ ଅଜେୟ ପୁତ୍ରଟିଏ ଚାହିଁଲା । ବ୍ରହ୍ମା ତଥାସ୍ତୁ ବୋଲି କହି ତାକୁ ଆଶୀର୍ବାଦ କଲେ । ସେ ପୁଣି ଆହୁରି ଗୋଟିଏ ବର ଚାହିଁଲା ଓ ବ୍ରହ୍ମାଙ୍କୁ କହିଲା ମୋର ସେହି ପୁତ୍ର ଅମର ହେଉ ଏହି ବର ଦିଅନ୍ତୁ । ବ୍ରହ୍ମା କହିଲେ କୌଣସି ପ୍ରାଣୀକୁ ଅମର ବର ଦେବାକୁ ମୋର କ୍ଷମତା ନାହିଁ ତେବେ ମୁଁ ତୋତେ ବର ଦେଉଛି ତୋର ସେହି ପୁତ୍ରକୁ ମାତ୍ର ସାତ ଦିନର ଶିଶୁଟିଏ ମାରିବ । ନ ହେଲେ ଆଉ କେହି ମାରି ପାରିବେ ନାହିଁ । ସେହି ବର ଅମର ବର ସହିତ ସମାନ ବୋଲି ଭାବି ବଜ୍ରାଙ୍ଗ ଖୁବ୍ ଖୁସି ହୋଇ ଗଲା । ସେ ନିଜର ପରାକ୍ରମୀ ଶିଶୁ ପୁତ୍ରର ଜନ୍ମ ଅପେକ୍ଷାରେ ରହିଲା । ବର୍ଷଟିଏ ବିତିଯିବା ପରେ ତାର ଏକ ପୁତ୍ର ସନ୍ତାନ ଜାତହେଲା । ସେହି ପୁତ୍ର ସନ୍ତାନଟି ହେଉଛି ପୁରାଣରେ ତାରକାସୁର । ସେ ତାର ପିତା ବଜ୍ରାଙ୍ଗର ବ୍ରହ୍ମାଙ୍କ ଠାରୁ ବର ଓ ନିଜ ତପସ୍ୟା ଫଳରେ ଅଜେୟ ଶକ୍ତି ସମ୍ପନ୍ନ ହେଲା । ଭୂମଣ୍ଡଳରେ ସବୁ ରାଜା ମାନଙ୍କୁ ପରାଜିତ କରି ସବୁ ସମୃଦ୍ଧି ଓ ଅଧିକାର ଭୋଗକଲା । ତାହାର ଭୟରେ ଯଜ୍ଞାଦି ଓ ଦେବ ଆରାଧନା ଇତ୍ୟାଦି ପୁଣ୍ୟ କର୍ମ ମାନ ହୋଇ ପାରିଲା ନାହିଁ । ତିନି ଲୋକରେ ତ୍ରାହି ତ୍ରାହି ଡାକ ପଡ଼ିଲା । ଦିନେ ଅତି ତ୍ରସ୍ତ ହୋଇ ଇନ୍ଦ୍ରାଦି ଦେବତା ଗଣ ଯାଇ ବ୍ରହ୍ମାଙ୍କ ଶରଣ ପଶିଲେ । ସେ ତାରକାସୁରର ଉପଦ୍ରବରୁ ବ୍ରହ୍ମାଣ୍ଡକୁ ରକ୍ଷା କରିବା ଉପାୟ କରିବାକୁ ତାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ଦେବଗଣଙ୍କ କାତର ପ୍ରାର୍ଥନା ଶୁଣି ଧ୍ୟାନସ୍ଥ ହୋଇ ଚିନ୍ତା କଲେ । ଧ୍ୟାନ ଭାଙ୍ଗିବାରୁ କହିଲେ, ତାରକାସୁରର ପିତା ବଜ୍ରାଙ୍ଗ ପୂର୍ବରୁ ବର ଲାଭ କରିଛି, ତାରକାସୁରର ମୃତ୍ୟୁ କେବଳ ଏକ ସାତ ଦିନର ଶିଶୁ ହାତରେ ସମ୍ଭବ । ଶିବଙ୍କ ଅଂଶରେ ସେହି ଦିବ୍ୟଶିଶୁ ଜାତ ହେଲେ ହିଁ ତାରକାସୁରକୁ ସଂହାର କରି ପାରିବ । ତେଣୁ ଶିବଙ୍କର ଯେପରି ଯଥାଶୀଘ୍ର ଏକ ପୁତ୍ରସନ୍ତାନ ଜାତ ହେବ, ତାହାର ଉପାୟ ସ୍ଥିର କର ।

ସେତେବେଳକୁ ଦକ୍ଷ ଯଜ୍ଞରେ ଶିବ ପତ୍ନୀ ସତୀ ଆତ୍ମାହୁତି ଦେଇ ସାରିଥିଲେ । ତେଣୁ ଶିବ ପତ୍ନୀ ହରା ହୋଇ ଏକାକୀ ଏକନିଷ୍ଠ ତପସ୍ୟାରେ ମଗ୍ନ ଥିଲେ । ଏଣେ ଦକ୍ଷ ଯଜ୍ଞରେ ଝାସ ଦେଇଥିବା ମାଆ ସତୀ ପୁନର୍ବାର ପିତା ହିମାଳୟ ଓ ମାଆ ମେନାଙ୍କ କନ୍ୟା ଭାବେ ପାର୍ବତୀ ରୂପରେ ଜନ୍ମ ଗ୍ରହଣ କରି ସାରିଥିଲେ । ପାର୍ବତୀ ମଧ୍ୟ ଦେବ ଦେବ ମହାଦେବଙ୍କୁ ପତି ସ୍ୱରୂପେ ପାଇବା ପାଇଁ ଅଖଣ୍ଡ ତପସ୍ୟା ଆରମ୍ଭ କରିଦେଇଥାନ୍ତି । କେତେ ସହସ୍ର ବର୍ଷ ବିତିଗଲା ଶଙ୍କର ଗୌରୀଙ୍କ ତପସ୍ୟା ଭଗ୍ନ ହେଲା ନାହିଁ । ପାର୍ବତୀ ଏହି ସମୟରେ ପତ୍ର ବା ପର୍ଣ୍ଣଟିଏ ସୁଦ୍ଧା ଭକ୍ଷଣ ନ କରି ଥିବାରୁ ତାଙ୍କର ଗୋଟିଏ ନାମ ଅପର୍ଣ୍ଣା ହୋଇଛି । ଦେବ ଗଣଙ୍କ ମଧ୍ୟରେ ଭାଳେଣି ପଡିଗଲା ଏ ଘୋର ତପସ୍ୟା ଭଗ୍ନ ନ ହେଲେ ହର ଗୌରୀଙ୍କ ମିଳନରୁ ଯେଉଁ ତାରକାସୁର ନିଧନ କାରି ପୁତ୍ର ଜନ୍ମ ହେବ ତାହା କିପରି ସମ୍ଭବ ହେବ । ଶିବଙ୍କ ତପସ୍ୟାକୁ ଭଙ୍ଗ କରିବାକୁ ହେବ । ହେଲେ ଶିବଙ୍କ ତପସ୍ୟା ଭଙ୍ଗ କରିବ କିଏ ? ସମସ୍ତ ଦେବ ଗଣ ଚିନ୍ତାକରି କାମ ଦେବଙ୍କୁ ଶିବଙ୍କ ତପସ୍ୟା ଭଙ୍ଗ କରିବାର ଦାୟିତ୍ୱ ଦେଲେ । କାମଦେବ ଓ ରତିଦେବୀ ଶିବ ତପସ୍ୟା କରୁଥିବା ସ୍ଥାନରେ ପହଞ୍ଚି ତାଙ୍କର ମତି ବିଚଳିତ ହେବାପରି କୁହୁକ ସୃଷ୍ଟିକଲେ । ଚତୁର୍ଦ୍ଦିଗରେ ଅତି ସୁନ୍ଦର ପୁଷ୍ପ ପ୍ରସ୍ଫୁଟିତ ହୋଇ ସ୍ଥାନକୁ ସୁଗନ୍ଧିତ କଲା । ମଳୟ ପବନ ବହିବାକୁ ଲାଗିଲା । କାମ ଦେବ ତାଙ୍କର ପୁଷ୍ପଧନୁରେ ପଞ୍ଚଶର ସନ୍ଧାନ କରି ଶିବଙ୍କ ଉପରକୁ ନିକ୍ଷେପ କରିବାରୁ ତାଙ୍କ ଧ୍ୟାନ ଭଗ୍ନ ହେଲା । ତପସ୍ୟା ଭଗ୍ନ ହେବାରୁ ଶିବ ଅତି କ୍ରୋଧିତ ହୋଇ ଚାହିଁ ଦେଲାରୁ ତାଙ୍କ ସମ୍ମୁଖରେ କାମଦେବଙ୍କୁ ଦେଖିଲେ ।

ତାଙ୍କର ତୃତୀୟ ନୟନରୁ କ୍ରୋଧାନଳ ବାହାରି କାମଦେବ ଭସ୍ମୀଭୂତ ହୋଇ ଗଲେ । ରତି ଦେବୀଙ୍କ ଆକୁଳ ପ୍ରାର୍ଥନାରେ ସଦାଶିବ କାମଦେବଙ୍କୁ ଜୀବନ ଦାନ ଦେଲେ । କିନ୍ତୁ ଶିବଙ୍କ ଅଭିଶାପରେ ସେ ଅଂଗହୀନ ହୋଇ ଅନଙ୍ଗ ନାମରେ ପରିଚିତ ହେଲେ । ପରେ କାମଦେବ ଅନଙ୍ଗରୁ ନିଜ ସ୍ୱରୂପକୁ ଆସିଥିଲେ ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ରୂପରେ । ଦେବଗଣଙ୍କ ଉଦ୍ଦେଶ୍ୟ ସିଦ୍ଧ ହେଲା, ଶିବଙ୍କ ତପସ୍ୟା ଭଙ୍ଗ ହେଲା । ଦେବଗଣ ଶିବଙ୍କ ପାଖକୁ ଯାଇ ପ୍ରାର୍ଥନା କଲେ, ହେ ଦେବଦେବ ମହାଦେବ, ତାରକାସୁରର ଅତ୍ୟାଚାରରେ ସମଗ୍ର ଜଗତ ଅସ୍ଥିର ଆମ୍ଭେମାନେ ଅତି ମାତ୍ରାରେ ଅତିଷ୍ଠ । ଆପଣ ପ୍ରସନ୍ନ ହୋଇ ବିବାହ ନିମନ୍ତେ ସମ୍ମତ ହୁଅନ୍ତୁ । ହିମଗିରି ନନ୍ଦିନୀ ପାର୍ବତୀ ଆପଣଙ୍କୁ ବର ରୂପେ ପାଇବା ପାଇଁ ତପସ୍ୟା କରୁଛନ୍ତି । ଆପଣ ତାଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ପତ୍ନୀ ରୂପେ ଗ୍ରହଣ କରନ୍ତୁ । ଆପଣଙ୍କର ସନ୍ତାନ ହିଁ ତାରକାସୁରକୁ ବିନାଶ କରି ପାରିବ ଏହା ବିଧିନିର୍ଦ୍ଦିଷ୍ଟ । ଶିବ ଦେବଗଣଙ୍କୁ ଆଶ୍ୱସ୍ତ କରି ବିଦାୟ ଦେଲେ । ପରେ ଗିରିରାଜ ନନ୍ଦିନୀ ପାର୍ବତୀଙ୍କୁ ସେ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପତ୍ନୀ ରୂପେ ଗ୍ରହଣ କଲେ । ମହାଦେବ ଓ ପାର୍ବତୀଙ୍କ ମିଳନରୁ ଏକ ଦିବ୍ୟ ସନ୍ତାନ ଜନ୍ମଲାଭ କଲା । ସେହି ପୁତ୍ରସନ୍ତାନ ହେଉଛନ୍ତି କାର୍ତ୍ତିକେୟ ଯାହାଙ୍କର ଅନ୍ୟ ନାମ ସ୍କନ୍ଦ । କୁମାର କାର୍ତ୍ତିକେୟ ବା ସ୍କନ୍ଦଙ୍କ ମାତା ହୋଇ ଥିବାରୁ ମା' ଭବାନୀଙ୍କ ଅନ୍ୟ ନାମ ସ୍କନ୍ଦମାତା । ସ୍କନ୍ଦଙ୍କ ଜନ୍ମ ଗଙ୍ଗାକୂଳ ଶରବଣରେ ହୋଇଥିବାରୁ ତାଙ୍କର ଆଉ ଏକ ନାମ ହେଉଛି ଶରଜନ୍ମା ବା ଗାଙ୍ଗେୟ । ତାଙ୍କର ଶୁଭ ଜନ୍ମର ସମାଚାର ପାଇ ଛଅ କୃତ୍ତିକା ମାତା ଭାବରେ ତାଙ୍କୁ ସ୍ତନ୍ୟ ପାନ କରାଇଥିଲେ । ଶିଶୁ କାର୍ତ୍ତିକ ଷଡ଼ମୁଖୀ ହୋଇ ସେମାନଙ୍କ ଠାରୁ ସ୍ତନ୍ୟ ପାନ କରିଥିବାରୁ ତାଙ୍କର ଆଉ ଗୋଟିଏ ନାମ ହେଉଛି ଷଡ଼ାନନ । ତାଙ୍କର ଏହିଭଳି ଅନେକ ନାମ ଅଛି । ସେ କ୍ରୌଞ୍ଚ ନାମରେ ଏକ ଅସୁର ସଂହାର କରିଥିବାରୁ ତାଙ୍କର ଆଉ ଏକ ନାମ କ୍ରୌଞ୍ଚାରାତି ବା କ୍ରୌଞ୍ଚ ନିସୂଦନ ବା କ୍ରୋଞ୍ଚ ଦାରୁଣ । ସେ ଉପାଖ୍ୟାନଟି ହେଉଛି :-

କ୍ରୌଞ୍ଚ ନାମକ ପର୍ବତରେ ଏକ ଦୁର୍ଜେୟ ଦୈତ୍ୟ ବାସ କରୁଥିଲା । ତାହାର ନାମ ମଧ୍ୟ କ୍ରୌଞ୍ଚ । ହିମାଳୟର ଗୋଟିଏ ଭାଗରେ ରହି ସେ କ୍ରୌଞ୍ଚ ଦ୍ୱୀପରେ ରାଜୁତି କରୁଥିଲା । ପର୍ବତର ଏପରି ଦୁର୍ଗମ ଅଞ୍ଚଳରେ ସେ ବାସ କରୁଥିଲା, ସେଠାକୁ କେହି ଯିବା ସମ୍ଭବ ନ ଥିଲା । ସେ ଅଜେୟ ଏବଂ ଅବଧ୍ୟ ହୋଇ ରହିଥିଲା । ତା'ର ଆତଙ୍କ ଅତି ପ୍ରବଳ ହେବାରୁ ଶିବଙ୍କ ଆଜ୍ଞାରେ କାର୍ତ୍ତିକେୟ ପର୍ଶୁରାମଙ୍କୁ ସଙ୍ଗରେ ନେଇ ତାକୁ ନିଧନ କରି ଥିଲେ । ସେ କ୍ରୌଞ୍ଚ ପର୍ବତର ଅପର ପାର୍ଶ୍ୱରେ ଲୁଚି ରହିଥିଲା । ଏହା ଜାଣିପାରି ବିଶେଷ ଶକ୍ତି ବଳରେ ଏକ ସଙ୍ଗରେ କାର୍ତ୍ତିକେୟ ସେହି କ୍ରୌଞ୍ଚ ପର୍ବତକୁ ଭେଦ କରିବା ସହିତ ଅପର ପାର୍ଶ୍ୱରେ ଥିବା କୌଞ୍ଚ ଅସୁରକୁ ବଧ କରିଥିଲେ । ଦେବଗଣଙ୍କ ପ୍ରାର୍ଥନା ଓ ଶିବ ଶକ୍ତି ନେଇ କୁମାର କାର୍ତ୍ତିକେୟଙ୍କର ଜନ୍ମ ଉଦ୍ଦିଷ୍ଟ ଥିଲା ତାରକାସୁର ସଂହାର ପାଇଁ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

## ସ୍ୱର୍ବେଦ


**ଏକ ଭାଗ ଅସ୍କମ୍ଭ କା, ବ୍ୟାପକ କାଲ ମଝାର ।**
**ତ୍ରିଭାଗ ଏକ ହୀ ଭାଗ ମେଁ, ତୀନ କାଲ ବ୍ୟଓ୍ୱହାର ॥୨୦॥**

ଭାଷ୍ୟ - ଏକ ଭାଗରେ ହିଁ ନ୍ୟୂନାଧିକ ପରିମାଣରେ ଭୂତ, ଭବିଷ୍ୟତ ଏବଂ ବର୍ତ୍ତମାନର ବ୍ୟବହାର ହେଉଅଛି ।

**ଏକ ଭାଗ ମେଁ ଭୂତ ହୈ, ଏକ ଭାଗ ଓ୍ୱର୍ତମାନ ।**
**ଏକ ଭାଗ ଭଓ୍ୱିଷ୍ୟ ହୈ, ନ୍ୟୁନାଧିକ ପରମାନ ॥୨୧॥**

ଭାଷ୍ୟ – ଏକ ଭାଗରେ ହିଁ ନ୍ୟୁନାଧିକ ପରିମାଣର ଅତୀତ, ଭବିଷ୍ୟତ ଏବଂ ବର୍ତ୍ତମାନର ବ୍ୟବହାର ହୋଇଥାଏ ।

**ସୃଷ୍ଟି ପ୍ରଲୟ କେ ମଧ୍ୟ ମେଁ, ହୋୟ ଅନନ୍ତ ଓ୍ୱିଭାଗ ।**




**ରଚନା ଭୂରି ଓ୍ୱିଭାଗ ମେଁ, ଅମିତ ଭାଗ ଏକ ଭାଗ ॥୨୨॥**

ଭାଷ୍ୟ - ସ୍କମ୍ଭର ଏକମାତ୍ର ଭାଗରେ ଅନନ୍ତ ବିଶାଳ ସୃଷ୍ଟି ଓ ପ୍ରଳୟର ରଚନା ହୋଇଛି । ଅନନ୍ତ ମହାପ୍ରଭୁଙ୍କର ସୃଷ୍ଟି ଏବଂ ବ୍ୟବହାର ଅସୀମ ଓ ଅନନ୍ତ ଅଟେ । ସେହି ସ୍କମ୍ଭଙ୍କର ଏହା ମହତି ମହିମା ଅଟେ ।

**ଏକ ଭାଗ ହୈ ଆଦି ମେଁ, ଅମିତ ଭାଗ ହୈ ଅନ୍ତ ।**
**ଭୁତ ପ୍ରଓ୍ୱିଷ୍ଟ ଏକ ବାଗ ମେଁ, ଭାଗ ଭଓ୍ୱିଷ୍ୟ ଅନନ୍ତ ॥୨୩॥**

ଭାଷ୍ୟ - ପ୍ରାରମ୍ଭରେ ଏକ ଭାଗ ପ୍ରବିଷ୍ଟ ହୋଇଛି ଯେଉଁଥିରେ ଏହି ବିଶାଳ ସୃଷ୍ଟିର ରଚନା ହୋଇଛି । ସେହି ଭୂତ କାଳ ଏକ ଭାଗରେ ପ୍ରବିଷ୍ଟ ହୋଇଛି ଆଉ ଭବିଷ୍ୟ ଭାଗ ଅନନ୍ତ ସତ୍ତାରେ ପ୍ରବିଷ୍ଟ ହୋଇଛି, ସେହି ଭାଗର ଅନ୍ତ ନାହିଁ । ଅନ୍ତରେ ଅନନ୍ତ ବିଶ୍ୱ, ଅନନ୍ତ ପ୍ରଭୁଙ୍କ ନିକଟରେ ଶାନ୍ତ ହୋଇଯାଏ । ସ୍କମ୍ଭ ମହାପ୍ରଭୁ ଜଗତର ଆଧାର ଅଟନ୍ତି ।

**ଭୁତ ଭଓ୍ୱିଷ୍ୟ ନ୍ୟୁନାଧି ହୈ, ଆଦି ଅନ୍ତ କ୍ରମ ଜାନ ।**
**କଭୀ ଭୂତ କଭି ଭବ୍ୟ ହୈ, ଭାଗ ଅନନ୍ତ ଓ୍ୱିଧାନ ॥୨୪॥**

ଭାଷ୍ୟ - ଆଦି ଏବଂ ଅନ୍ତର କ୍ରମରେ ଅତୀତ ଏବଂ ଭବିଷ୍ୟତ ନ୍ୟୂନାଧିକ ଭେଦରେ ହୋଇଥାଏ । କେବେ ଅତୀତ ଆଉ କେବେ ଭବିଷ୍ୟତ । ଏହି ବିଧାନଗୁଡ଼ିକର ଭାଗ ଅନନ୍ତ ଅଟେ ।

**ରୂପ ଜେତେ ତିତ ଭାଗ ହେଁ, କରୋ କଲ୍ପନା ଜ୍ଞାନ ।**
**ଏକ ବାଗ ତିନ କାଲ ହୈ, ଅସ ଅସ୍କମ୍ଭ ମହାନ ॥୨୫॥**

ଭାଷ୍ୟ - ନିଜର ଜ୍ଞାନ ଦ୍ୱାରା ଯେତିକି ସ୍ୱରୂପର କଳ୍ପନା କରାଯାଇ ପାରିବ ସେ ସମସ୍ତ ସେତିକି ଭାଗ ଅଟନ୍ତି । ଏକ ହିଁ ଭାଗରେ ତିନି କାଳର ବ୍ୟବହାର ହୋଇଥାଏ । ଏହି ପ୍ରକାର ସ୍କମ୍ଭର ମହତି ମହିମା ଅଟେ ।

## ମଧୁମେହ ପ୍ରତିରୋଧୀ ଘରୋଇ ପଥ

ମଧୁମେହ ଖାଦ୍ୟ ଏବଂ ଜୀବନ ଶୈଳୀ ସହ ସଂପର୍କିତ । ଆଜିକାଲି ଜିନ୍ ଦୋଷରୁ ଏପରିକି ଶିଶୁ ମଧ ମଧୁମେହ ଭୋଗୁଛନ୍ତି । ଭାରତରେ ଟାଇପ୍ ୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକାଯାଇପାରେ । ପ୍ରତି ଦିନ ସକାଳେ ଖାଲି ପେଟରେ ତାଜା କଲରା ରସ



ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । ଜଳଖିଆରେ କଲରା ଚିପ୍ସ ବା କଲରା ପ୍ରସ୍ତୁତ ଯେ କୌଣସି ଖାଦ୍ୟ ଖାଇ ପାରନ୍ତି । ରାତିରେ ୧.୪ ଚାମଚ ମେଥି ପାଣିରେ ବତୁରାନ୍ତୁ । ସକାଳୁ ଖାଲି ପେଟରେ ପାଣି ସହ ମେଥି ଚୋବାଇ ଚୋବାଇ ଖାଆନ୍ତୁ । ପ୍ରତି ଦିନ ପିଜୁଳି ଚୋପା ବାଛି ଖାଆନ୍ତୁ । ଚୋପା ନ ବାଛି ଖାଇଲେ ରକ୍ତ ଶର୍କରା ବଢ଼େ । ନିୟମିତ ତ୍ରିଫଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡକରି ରଖନ୍ତୁ, ପାଣିରେ ଗୋଳାଇ ଦିନରେ ଦୁଇ ଥର ପିଅନ୍ତୁ । ଚାହା ବା କଫିରେ ଚିନି ବଦଳରେ ମହୁ ପକାନ୍ତୁ । ବିନା ଚିନିରେ କଳା କଫି ପିଅନ୍ତୁ ।

## କାର୍ତ୍ତିକେୟଙ୍କ ....

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କାର୍ତ୍ତିକ ଜନ୍ମବେଳକୁ ତାରକାସୁର ଭୀଷଣ ଉପଦ୍ରବକରି ତାଣ୍ଡବ ରଚିଥିଲା । କାର୍ତ୍ତିକ ଜନ୍ମ ହେବା ମାତ୍ରେ ଯେଉଁ ଭୀଷଣ ରଡ଼ି ଦେଲେ, ସେଥିରେ ତା'ର କିରୀଟ କୁଣ୍ଡଳ ଖସି ପଡ଼ିଲା । ଶରୀରରେ କମ୍ପନ ଜାତ ହେଲା । ଅତି ଆତଙ୍କିତ ହୋଇ ସେ ଆଶଙ୍କା କଲା ବୋଧହୁଏ ନିକଟରେ କିଛି ଅଘଟଣ ଘଟିବାକୁ ଯାଉଛି ।

ଏଣେ ତାରକାସୁରର ନିଧନକାରି ଜାତ ହେବା ସମ୍ବାଦ ପାଇ ଦେବଗଣ ଆନନ୍ଦରେ ଉଲ୍ଲସିତ ହେଉ ଥାଆନ୍ତି । ସୁରପତି ଇନ୍ଦ୍ର ଏବଂ ଅନ୍ୟ ଋଷି ମୁନି ମାନଙ୍କ ସହିତ ସାଥୀ ହୋଇ ଦେବତାମାନେ କାର୍ତ୍ତିକଙ୍କ ଜନ୍ମସ୍ଥାନରେ ପହଞ୍ଚି ତାଙ୍କ ଜାତକର୍ମ, ସଂସ୍କାର ଆଦି କଲେ । ଦେବ, ଗନ୍ଧର୍ବ ଓ କିନ୍ନରମାନଙ୍କ ସେନାର ସେନାପତି ରୂପେ ତାଙ୍କୁ ବରଣ କଲେ । ବ୍ରହ୍ମାଦି ଦେବଗଣ ତାଙ୍କୁ ବହୁ ଉପହାର ମଧ ଦେଲେ । ସଦାଶିବ ତାଙ୍କୁ ଦେଲେ ଇନ୍ଦ୍ରଙ୍କ ପରି ଶକ୍ତିମାନ୍ ଚାରି ପ୍ରମଥ । ଚାରି ପ୍ରମଥଙ୍କ ନାମ ହେଉଛି ଘଣ୍ଟାକର୍ଣ୍ଣ, ଲୋହିତାକ୍ଷ, ନନ୍ଦୀସେନ ଓ କୁମୁଦମାଳି । ବ୍ରହ୍ମା ଓ ଅନ୍ୟ ଦେବତା ମାନେ ମଧ ସେମାନଙ୍କ ପ୍ରମଥମାନଙ୍କୁ କାର୍ତ୍ତିକେୟଙ୍କୁ ଅର୍ପଣ କଲେ । ବ୍ରହ୍ମା ଦେଲେ ସ୍ଥାଣୁ ନାମ ପ୍ରମଥ । ବିଷ୍ଣୁ ଦେଲେ ସଂକ୍ରମ, ବିକ୍ରମ ଓ ପରାକ୍ରମ ତିନି ପ୍ରମଥ । ଇନ୍ଦ୍ର ଦେଲେ ଉତ୍କ୍ରେଳଶ ଏବଂ ପଙ୍କଜ ନାମକ ଦୁଇ ପ୍ରମଥ । ସୂର୍ଯ୍ୟ ଦେଲେ ଦଣ୍ଡକ ଓ ପିଙ୍ଗଳ ନାମକ ଦୁଇ ପରିଚାରକ ଏବଂ ଚନ୍ଦ୍ରଦେବ ଦେଲେ ମଣିବସୁ ମଣି । ଅଶ୍ୱିନୀକୁମାର ଦେଲେ ବସ୍ତ୍ରନନ୍ଦୀ । ଅନ୍ୟାନ୍ୟ ଦେବତା, ମାତୃକା ଓ ତୀର୍ଥ ମାନେ ମଧ ତାଙ୍କୁ ବହୁ ମୂଲ୍ୟ ଉପହାର ଦେଲେ । ଗରୁଡ଼ ତାଙ୍କର ପୁତ୍ର ମୟୂରକୁ କାର୍ତ୍ତିକଙ୍କୁ ପ୍ରଦାନ କଲେ ଯାହା ତାଙ୍କର ବାହନ ହେଲା । ଅରୁଣ ମଧ ନିଜ ପୁତ୍ର ଅଦ୍ଭୁତ ଶକ୍ତିସମ୍ପନ୍ନ କୁକୁଟକୁ ଦେଲେ । ଅଗ୍ନି ଦେଲେ ତ୍ରିଶୂଳ, ବୃହସ୍ପତି ଦେଲେ ଦଣ୍ଡ ଏବଂ ଗଙ୍ଗା ଦେଲେ କମଣ୍ଡଳୁ । ଶ୍ରୀବିଷ୍ଣୁ ପ୍ରଦାନ କଲେ ଦିବ୍ୟ ମାଳା । ପାର୍ବତୀ ଦେଲେ ସୁନ୍ଦର ବସ୍ତ୍ର ଏବଂ ପିତା ଶିବ ଦେଲେ ମହାର୍ଘ ପଦକ । ଇନ୍ଦ୍ର ଦେଲେ ଦିବ୍ୟ ମୋତି ମାଳା । ଏସବୁ ଦିବ୍ୟ ଅସ୍ତ୍ର, ବସନ, ବାହନ ଓ ଭୂଷଣ ପ୍ରଭୃତିରେ ଭୂଷିତ ଓ ସୁସଜ୍ଜିତ ହୋଇ କାର୍ତ୍ତିକେୟ ଦେବ ସେନାପତି ଭାବରେ ଅଭିଷିକ୍ତ ହେଲେ । ଅଗ୍ନିଦେବ ତାଙ୍କୁ ଦେଇଥିଲେ ଦିବ୍ୟ ତେଜ ଏବଂ ଶ୍ରୀବିଷ୍ଣୁ ଯୁଦ୍ଧ ପାଇଁ ଦିବ୍ୟାସ୍ତ୍ର ।

ଦେବଗଣ ତାରକାସୁରର ଉତ୍ପାତ ଓ ଅତ୍ୟାଚାର କାହାଣୀ କହି ତାଙ୍କୁ ସଂହାର କରିବାପାଇଁ କୁମାର କାର୍ତ୍ତିକେୟଙ୍କୁ ଅନୁରୋଧ କଲେ । ଦେବଗଣଙ୍କୁ ସେ ଆଶ୍ୱାସନା ଦେଇ କହିଲେ, ଆପଣ ନିଶ୍ଚିନ୍ତ ରୁହନ୍ତୁ, ମୁଁ ଅବିଳମ୍ବେ ତାରକାସୁରକୁ ସଂହାର କରିବି । ଏହା କହି ସେ ସୈନ୍ୟସଜ୍ଜା କରି ଯୁଦ୍ଧକୁ ବାହାରିଲେ ।

କାର୍ତ୍ତିକେୟଙ୍କ ରଣସଜ୍ଜା ସମୟରୁ ତାରକାସୁର ନଗରୀରେ ନାନା ଅଶୁଭ ଲକ୍ଷଣ ଦେଖା ଗଲା । ସେ ବିଚଳିତହୋଇ ନିଜ ରାଜ ଅଟ୍ଟାଳିକାର ଉଚ୍ଚ ଗମ୍ବୁଜ ଉପରକୁ ଯାଇ ଦେଖିଲା, ଧ୍ୱଜ ପତାକା ଦିଶୁଛି, ଘୋର ରଣନାଦ ଶୁଭୁଛି । ଖବର ନେବାରୁ ଜାଣିଲା ଯେ ଗୋଟିଏ ବାଳକକୁ ସେନାପତି କରି ଦେବ ସେନା ଗଣ ତା' ସହିତ ଯୁଦ୍ଧ କରିବାକୁ ଆସୁଛନ୍ତି । ବ୍ରହ୍ମା ଦେଇଥିବା ବର ତାର ସ୍ମରଣକୁ ଆସିଗଲା । ବର ଥିଲା ସାତ ଦିନର ଏକ ବାଳକ ହାତରେ ତାର ମୃତ୍ୟୁ ହେବ । ତେଣୁ ଭୟଭୀତ ହୋଇ ପଡ଼ିଲା ସେ । କିନ୍ତୁ ଦମ୍ଭ ସହକାରେ ନିଜ ସେନାପତିକୁ ରଣସଜ୍ଜା କରିବାକୁ କହିଲା । କାଳନେମୀ ଆଦି ବିକରାଳ ଅସୁରଙ୍କୁ ଡକାଇ ସେହି ବାଳକକୁ ବନ୍ଧନ କରି ଆଣିବା ପାଇଁ ଆଦେଶ ଦେଲା । ଅସମ୍ଭାଳ ହୋଇ ସେ ନିଜେ ଯାଇ ରଣ ଥାଟ ଆଗରେ ଠିଆ ହୋଇପଡ଼ିଲା । ସେ କହିଲା ରେ ଅପୌଗଣ୍ଡ ବାଳକ, ତୁ କ'ଣ ମୋ ପରି ଜଣେ ପରାକ୍ରମୀ ଏବଂ ଅଜେୟ ଅସୁର ସହ ଲଢ଼ିବାକୁ ଆସିଛୁ ? ତୋର ତ ଏବେ ଖେଳିବାର ବୟସ । ଯୁଦ୍ଧ ତ ଆଉ ଖେଳ ନୁହେଁ । ତେଣୁ ତୋର ଯଦି ଖେଳିବାକୁ ଇଚ୍ଛା ହେଉଛି, ତା'ହେଲେ ଆ, ସାଙ୍ଗ ହୋଇ ତୋର ମୋର ପେଣ୍ଡୁ ଖେଳିବା । ଏହାଶୁଣି କାର୍ତ୍ତିକ କହିଲେ, ରେ ପାମର । ବାଳକ ବୋଲି ତୁ ମତେ ହେୟ ମନେ କରୁଛୁ ? ମନେରଖ ସକାଳର ସୂର୍ଯ୍ୟ ବାଳସୂର୍ଯ୍ୟ ହେଲେ ମଧ ସେଥିରେ ସୂର୍ଯ୍ୟଙ୍କ ସକଳ ଶକ୍ତି ଥାଏ । ବୀଜମନ୍ତ୍ର ଓଁ, ଗୋଟିଏ ମାତ୍ର ଅକ୍ଷର, ହେଲେ ତାହା ସବୁ ମନ୍ତ୍ରଠାରୁ ଶକ୍ତିଶାଳୀ । ବାଳକଟିଏ ହେଲେ ମଧ ମୁଁ ତୋର ଯମ ।

କାର୍ତ୍ତିକେୟଙ୍କର ଏ ସ୍ପର୍ଦ୍ଧା ଶୁଣି ତାରକାସୁର କ୍ରୁଦ୍ଧ ହୋଇ ମୁଦଗରରେ ତାଙ୍କୁ ପ୍ରବଳ ପ୍ରହାର କଲା । ମାତ୍ର କାର୍ତ୍ତିକ ତାକୁ ବଜ୍ର ଦ୍ୱାରା ତତ୍କ୍ଷଣାତ ଖଣ୍ଡନ କଲେ । ଅସୁର ଆଉ ସବୁ ଯେତେ ଶକ୍ତିଶାଳୀ ଅସ୍ତ୍ର ପ୍ରହାର କଲା, କାର୍ତ୍ତିକେୟ ସେସବୁ ଅସ୍ତ୍ରକୁ ଧରି ନେଇ ଗୁଣ୍ଡ କରି ଦେଲେ । ନିଜର ଗଦାକୁ ଉଠାଇ ସେ ତାରକାସୁର ଉପରକୁ ପକାଇଲେ । ଶେଷରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଅସ୍ତ୍ର ଅସୁର ଉପରକୁ ସେ ନିକ୍ଷେପ କଲେ । ତାହା ବହୁ ତୀବ୍ର ଗତିରେ ଯାଇ ତାରକାସୁରର ବଜ୍ରପରି ହୃଦୟରେ ବିଦ୍ଧ କଲା । ଅସୁରର ମୁଣ୍ଡ, ମୁକୁଟ, କୁଣ୍ଡଳ, କବଚ ସବୁ ଛିନ୍ନଭିନ୍ନ ହୋଇଗଲା । ବିକଟାଳ ଗର୍ଜନସହ ତା'ର ମୃତ ପିଣ୍ଡ ଭୂମିରେ ଲୋଟି ପଡିଲା ।

ତାରକାସୁରର ମୃତ୍ୟୁ ହେବାରୁ ଦେବତା, ମୁନିଋଷି ଆଦିଙ୍କର ଆନନ୍ଦର ସୀମା ରହିଲା ନାହିଁ । ପ୍ରସନ୍ନ ଚିତ୍ତରେ ସମସ୍ତେ ଦେବ ସେନାପତି ପାର୍ବତୀ ସୂତ କାର୍ତ୍ତିକେୟଙ୍କର ସ୍ତୁତି ଗାନ କରିବାକୁ ଲାଗିଲେ ।

କାର୍ତ୍ତିକେୟ ବୀର ଓ ତାଙ୍କର ରୂପ ଖୁବ୍ ସୁନ୍ଦର । ତାମିଲ ଭାଷାରେ 'ମୁରୁଗୁ' ର ଅର୍ଥ ସୌନ୍ଦର୍ଯ୍ୟ । ତେଣୁ ତାମିଲ ଭାଷାରେ କାର୍ତ୍ତିକେୟଙ୍କୁ 'ମୁରୁଗନ୍' ବୋଲି କୁହାଯାଏ । ଓଡ଼ିଶାରେ କୁଆଁରୀ କନ୍ୟା ମାନେ କୁମାର ପୂର୍ଣ୍ଣିମାଦିନ ବା କାର୍ତ୍ତିକେୟଙ୍କ ଜନ୍ମ ଦିନ ଚନ୍ଦ୍ର ପୂଜା କରି କାର୍ତ୍ତିକେୟଙ୍କ ପରି ବୀର ଓ ସୌମ୍ୟ ବପୁ ବର ପାଇବା ପାଇଁ ମାନସିକ କରି ଥାନ୍ତି । ଦକ୍ଷିଣ ଭାରତରେ କାର୍ତ୍ତିକେୟ ଉପାସନା ଖୁବ୍ ଲୋକପ୍ରିୟ । ଦକ୍ଷିଣ ଭାରତ ବିଶେଷ କରି ତାମିଲନାଡୁରେ କାର୍ତ୍ତିକେୟଙ୍କ ଜନ୍ମ ସ୍କନ୍ଦ ଷଷ୍ଠୀ ଖୁବ ନିଷ୍ଠାର ସହ ପାଳିତ ହୁଏ । ଆମ ରାଜ୍ୟରେ କାର୍ତ୍ତିକେୟଙ୍କ ଉପାସନା ସେତେ ପ୍ରଚଳିତ ନାହିଁ । କେବଳ କାର୍ତ୍ତିକ ପୂର୍ଣ୍ଣମୀ ସମୟରେ କେତେକ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୁଏ । ତେବେ ରାଜ୍ୟର ଶିବାଳୟ, ଦେବୀ ମନ୍ଦିର ଗୁଡ଼ିକରେ ପାର୍ଶ୍ୱଦେବତା ରୂପେ କାର୍ତ୍ତିକଙ୍କ ମୂର୍ତ୍ତି ଥିବାର ଦେଖାଯାଏ । ଦୁର୍ଗା ପୂଜାରେ ମାଆ ଦୁର୍ଗାଙ୍କ ମେଢ଼ରେ କାର୍ତ୍ତିକ ବିରାଜିତ ଥାଆନ୍ତି ।

କେତେକ ଗବେଷକଙ୍କ ମତ ଦିଅନ୍ତି ଭୁବନେଶ୍ୱର ଖଣ୍ଡଗିରି ନାମ ପ୍ରଥମେ କୁମାରଗିରି ଥିଲା ବୋଲି । କୁମାର ଓ ସ୍କନ୍ଦ କାର୍ତ୍ତିକେୟଙ୍କ ଗୋଟିଏ ଗୋଟିଏ ନାମ । ତେଣୁ କୁମାରଗିରି ପରେ ସ୍କନ୍ଦଗିରି ହୋଇ ପରେ ଖଣ୍ଡଗିରି ହୋଇଛି । ଏଥିରୁ ଓଡ଼ିଶାରେ ଯେ ଦିନେ କାର୍ତ୍ତିକେୟଙ୍କର ଉପାସନା ପ୍ରଚଳିତ ଥିଲା ତାହାର ପ୍ରମାଣ ମିଳି ଥାଏ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ାର ବିମଳା ମନ୍ଦିରର ପ୍ରବେଶ ପଥର ଡାହାଣ ପଟେ କାର୍ତ୍ତିକେୟଙ୍କର ଛଅମୁଖ ଓ ବାର ହାତର ଏକ ସୁନ୍ଦର ମୂର୍ତ୍ତି ଅଛି । ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମନ୍ଦିରରେ ମଧ କାର୍ତ୍ତିକେୟଙ୍କର ଏକ ଛୋଟ ମନ୍ଦିର ଅଛି ।

ଭାରତୀୟ ଆଧାତ୍ମିକ ଶାସ୍ତ୍ରରେ କାର୍ତ୍ତିକେୟଙ୍କର ବହୁ ବର୍ଣ୍ଣନା ରହିଛି । ଅଷ୍ଟାଦଶ ପୁରାଣ ମାନଙ୍କ ମଧରେ କାର୍ତ୍ତିକଙ୍କ ନାମରେ ସ୍କନ୍ଦ ପୁରାଣ ରହିଛି । ସ୍କନ୍ଦପୁରାଣରେ ଅନ୍ୟାନ୍ୟ ବହୁ ବିଷୟ ରହିଥିଲେ ହେଁ ଏଥିରେ କାର୍ତ୍ତିକେୟଙ୍କ ଜନ୍ମ ଓ ତାରକାସୁର ବଧ ମୁଖ୍ୟ ପ୍ରସଙ୍ଗ । କାର୍ତ୍ତିକେୟଙ୍କ ଜନ୍ମ କଥାକୁ ଉପଜୀବ୍ୟ କରି ମହାକବି କାଳିଦାସ ସୃଷ୍ଟିକରି ଯାଇଛନ୍ତି ଭାଷା ଜଗତର ବିସ୍ମୟ ସଂସ୍କୃତ କାଳ ଜୟୀ ମହାକାବ୍ୟ, କୁମାର ସମ୍ଭବମ୍' ।

### ଟିକିଏ ହସନ୍ତୁ

ରଶ୍ମି : ମୋ ହ୍ୱାଟ୍ସ ଆପ୍‌ରେ କିଛି ପ୍ରୋବଲେମ୍ ଦେଖାଉଛି ।
ମନୋଜ : ଗୋଟେ କାମ କର, ତାକୁ ଅପଡ଼େଟ୍ କରିଦେ ।
ରଶ୍ମି : କେମିତି କରିବି ?
ମନୋଜ : ପ୍ଲେ ଷ୍ଟୋର ଯାଇକି କରିଦେ ।
ରଶ୍ମି : ହେଲେ ଆମ ଗାଁରେ ତ ଖାଲି ଜେନେରାଲ ଷ୍ଟୋର ଅଛି । ପ୍ଲେ ଷ୍ଟୋର ନାହିଁ ।

× × × ×

ବାହାଘର ପ୍ରସ୍ତାବ ପଡ଼ିଥିବା ଯୁବକଙ୍କୁ ମୀନା :
ଆପଣ କ'ଣ କରନ୍ତି ?
ଯୁବକ : ମୁଁ ଟାଇମ୍ସ ଅଫ୍ ଇଣ୍ଡିଆରେ ଜବ୍ କରୁଥିଲି । ହେଲେ ଏବେ ଛାଡି ଦେଇଛି ।



ମୀନା : ଏତେ ବଡ଼ ପ୍ରତିଷ୍ଠିତ ଖବରକାଗଜର ଚାକିରି କାହିଁକି ଛାଡ଼ିଲେ ?
ଯୁବକ : ବିରକ୍ତ ଲାଗିଲା ସବୁଦିନ ସକାଳୁ ଉଠି ବୁଲି ବୁଲି ଘରେ ଘରେ ଖବର କାଗଜ ପକାଇବାକୁ ।

× × × ×

ସ୍ତ୍ରୀ : ଶୁଭୁଛି, ମୋ ମୋବାଇଲ୍ କାମ କରୁନି ।
ନୂଆ ଗୋଟେ କିଣି ଦେଉନ ।
ସ୍ୱାମୀ : ତମେ ବି ତ କିଛି କାମ କରୁନ ।
ହେଲେ ମୁଁ କେବେ କିଛି କହିଛି ?

× × × ×

ଜଣେ ବ୍ୟକ୍ତି ଏକ ଦୋକାନକୁ ଯାଇଥାଆନ୍ତି ।
ଦେଖିଲେ ଦୋକାନୀ ନାହିଁ, ବ୍ୟାଗରେ ମନ ଇଛା ଜିନିଷ ଲୁଚାଇ ରଖିଲେ ।
ଦୋକାନୀ ଆସିବା ପରେ ବ୍ୟକ୍ତି : ଭାଇ, ଏମିତି ଦୋକାନ ଛାଡ଼ି ପଳଉଛ ଯଦି ଚୋରି ହେଇଯିବ ?
ଦୋକାନୀ : କ'ଣ ଆଉ କରିବି ସବୁ ଉପରବାଲା ହାତରେ ଛାଡି ଦେଇଛି ।
ବ୍ୟକ୍ତି : ମାନେ ?
ଦୋକାନୀ : ସିସିଟିଭି ଅଛି ବା ।
ବ୍ୟକ୍ତି ଡରିଯାଇ : ଭାଇ, ତମେ ନ ଥିଲ ତ ମୁଁ ନିଜେ ନିଜେ ଦୋକାନରୁ ଏସବୁ ଜିନିଷ ଆଣି ବ୍ୟାଗରେ ରଖିଛି । କେତେ ଟଙ୍କା ହେଲା କୁହ ।
ଦୋକାନୀ ଦାମ କହିବା ପରେ ବ୍ୟକ୍ତିଙ୍କୁ ତମର କେହି ଇଲେକ୍ଟ୍ରିସିଆନ ଚିହ୍ନା ଅଛନ୍ତି ?
ବ୍ୟକ୍ତି : କାହିଁକି ?
ଦୋକାନୀ : ଏ ସିସିଟିଭିଟା ଖରାପ ହେଇଛି । ରିପେୟାର କରିଥାନ୍ତି ।

× × × ×

ଗଣିତ ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ– ଆଚ୍ଛା ପିଲାମାନେ, କହିଲ ଦୁଇଟି ସମାନ୍ତରାଳ ରେଖା କାହିଁକି ପରସ୍ପରକୁ କାଟନ୍ତି ନାହିଁ ?
ରୋହନ କହିଲା, ସାର୍ କାହିଁକି ନା, ସେହି ଦୁଇଜଣଙ୍କର ଦାନ୍ତ ନାହିଁ ତ ।

## ତରଭୁଜର ଉପକାରିତା

ଗ୍ରୀଷ୍ମଋତୁର ସବୁଠୁ ଲୋକପ୍ରିୟ ଫଳ ତରଭୁଜ । ଏ ଋତୁରେ ଲୋକେ ଏହାକୁ ପସନ୍ଦ କରିବାର ମୁଖ୍ୟ କାରଣ ହେଉଛି ଏହା ଶରୀରରେ ଥିବା ଜଳର ଅଭାବକୁ ପୂରଣ କରେ । ଦାମ୍ ଦୃଷ୍ଟିରୁ ମଧ ତରଭୁଜ ସମସ୍ତଙ୍କୁ ସୁହାଏ । ତରଭୁଜରେ ଆଣ୍ଟି ଅକ୍ସିଡେଣ୍ଟ ମଧ ଥାଏ । ଗବେଷଣାରୁ ଜଣା ପଡିଛି ଯେ ତରଭୁଜ ଖାଇବା ଦ୍ୱାରା କର୍କଟ ରୋଗ, ହୃଦରୋଗ ଓ ମଧୁମେହ ହେବାର ଆଶଙ୍କାକୁ ଅନେକ ପରିମାଣରେ ଦୂରେଇ ଦେଇହୁଏ । ତରଭୁଜରେ ଶତକଡ଼ା ୯୨ ଜଳ ଏବଂ ଶତକଡ଼ା ୬ ଶର୍କରା ରହିବା ସହ ଭିଟାମିନ୍ ଏ, ସି ଓ ବି ୬ ଥାଏ ।

ତରଭୁଜରେ ଭିଟାମିନ୍ ସି ଏବଂ ଭିଟାମିନ୍ ଏ ବହୁ ମାତ୍ରାରେ ଥାଏ । ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ । ଭିଟାମିନ୍ ଏ ଆଖିର ସ୍ୱଚ୍ଛତା ପାଇଁ ଜରୁରୀ ଅଟେ ।

ତରଭୁଜ ଓ ତା' ଭିତରେ ଥିବା ମଞ୍ଜିଗୁଡିକ ଦୁର୍ବଳ ଶରୀରକୁ ସତେଜ ରଖିଥାଏ । ତରଭୁଜ ଖାଇବା ପରେ ସେଥିରୁ ଯେଉଁ ମଞ୍ଜି ବାହାରେ ତାକୁ ଧୋଇ ଶୁଖେଇବା ପରେ ସେହି ମଞ୍ଜିକୁ ଆପଣ ଖାଇ ପାରିବେ ।

ଖାଦ୍ୟ ହଜମ ହେବା ଓ ଭୋକ ଲାଗିବାରେ ସମସ୍ୟା ଥିଲେ ତଥା ରକ୍ତର ମାତ୍ରା କମ୍ ଥିଲେ ସେଥିପାଇଁ ତରଭୁଜର ଆବଶ୍ୟକତା ରହିଛି । ବଡ଼ ତରଭୁଜରେ ଗୋଟିଏ ଛୋଟ ଛିଦ୍ର କରି ଏକ ଗ୍ରାମ୍ ଚିନି ଭରି ଦିଅନ୍ତୁ । ପାଣି ସେହି ତରଭୁଜକୁ ଖରାରେ ଅଥବା ରାତିରେ ଚନ୍ଦ୍ର କିରଣରେ ରଖନ୍ତୁ । ଏହାପରେ ଭିତରେ ଥିବା ପାଣିକୁ କାଢ଼ି ଛାଣି ଦିଅନ୍ତୁ । ଛଣା



ହୋଇଥିବା ପାଣିକୁ ସଫା କାଚ ବୋତଲରେ ଭରି ଦିଅନ୍ତୁ । ସେହି ପାଣିକୁ ଦିନକୁ ଚାରିକପ୍ କରି ଦୁଇ ବା ତିନି ଥର ପିଇଲେ ଉପରୋକ୍ତ ଅସୁବିଧାରୁ ମୁକ୍ତି ମିଳିପାରେ ।


ତରଭୁଜ ଖାଇବା ଦ୍ୱାରା ଯଦି ଖଟା ହାକୁଟି ହେଉଛି, ତା'ହେଲେ ସେଥିରେ ସାଦା ଲୁଣ ବା କଳା ଲୁଣ ପକେଇ ଖାଇବା ଉଚିତ । ଏମିତି ଖାଇଲେ ହାକୁଟି ହେବନାହିଁ ।

ମୁହଁରେ ବ୍ରଣ କିମ୍ବା କଳା ଦାଗ ହୋଇଥିଲେ ସେଥିରେ ତରଭୁଜକୁ କାଟି କିଛି ସମୟ ଘଷନ୍ତୁ । ଏକ ମିନିଟ୍ ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଲାଭ ମିଳିବ ନିଶ୍ଚୟ ।

ତରଭୁଜ ଖାଇବା ସମୟରେ ଗୋଟିଏ କଥାପ୍ରତି ଧ୍ୟାନ ଦିଅନ୍ତୁ, ଏହାକୁ ଖାଇବାର ଏକ ଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବେ ନାହିଁ । ନଚେତ୍ ଲାଭ ବଦଳରେ କ୍ଷତି ହେବ । ଯେତେ ସମ୍ଭବ ତରଭୁଜକୁ ତାଜା ଥିବା ସମୟରେ ଖାଆନ୍ତୁ । କଟା ତରଭୁଜକୁ ବେଶି ସମୟ ରଖି ଖାଇଲେ ଏହା ଶରୀର ପକ୍ଷେ କ୍ଷତିକାରକ ହୋଇପାରେ ।

## ଆପଣ ଜାଣନ୍ତି କି ?

- ବିଶ୍ୱାସ କରାଯାଏ ୬ ରୁ ୧୦ ମିଲିଅନ୍ ପ୍ରଜାତିର କୀଟପତଙ୍ଗ ରହିଛନ୍ତି ।
- ପ୍ରତ୍ୟେକ କୀଟର ଶରୀର ତିନି ଭାଗରେ ବିଭକ୍ତ । ବକ୍ଷ, ଉଦର ଓ ମୁଣ୍ଡ ।
- ମହୁମାଛି, ଉଈ ଓ ପିମ୍ପୁଡି ବେଶ୍ ସଂଗଠିତ ଭାବେ ସାମାଜିକ କଲୋନୀ କରି ରହନ୍ତି ।
- କେବଳ ପୁରୁଷ ଝିଣ୍ଟିକା କାନ ଫୁସାଫୁସି କରନ୍ତି ।
- କୀଟମାନେ ସାଧାରଣତଃ ଶୀତଳ ଚିତ୍ତର ଜୀବ ।
- ଅଧିକାଂଶ କୀଟ ଅଣ୍ଡାରୁ ସୃଷ୍ଟି ହୁଅନ୍ତି ।
- ମାଈ ମଶା ଅଣ୍ଡା ଦେବାବେଳେ ଆବଶ୍ୟକ ପୋଷକତତ୍ତ୍ୱ ପାଇବା ପାଇଁ ମନୁଷ୍ୟଙ୍କ ରକ୍ତ ଶୋଷିଥାନ୍ତି ।
- ବୁଢ଼ିଆଣୀ କୀଟପତଙ୍ଗ ପ୍ରଜାତିର ନୁହେଁ ।
- ମହୁମାଛି ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ମହାଦେଶରେ ଦେଖିବାକୁ ମିଳିଥାନ୍ତି ।
- ୧୯୩୫ ଏପ୍ରିଲ ପହିଲାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରତିଷ୍ଠିତ ହୋଇଥିଲା ।
- ଚଳଚ୍ଚିତ୍ର ଶିଳ୍ପରେ କମ୍ପ୍ୟୁଟର ଆନିମେସନ ୧୯୭୩ ରେ ପ୍ରଥମେ ପ୍ରବର୍ତ୍ତିତ ହୋଇଥିଲା । ରୋବଟ ଉପରେ ଚଳଚ୍ଚିତ୍ର 'ୱେଷ୍ଟୱାର୍ଲଡ' ନିର୍ମିତ ହେବା ବେଳେ ଏହା କରାଯାଇଥିଲା ।




- ୧୯୨୩ ରେ ଶକ୍ତିଚାଳିତ ୱାଇପର କାର୍‌ରେ ସାଧାରଣ ଭାବେ ବ୍ୟବହୃତ ହେଲା ।
- ୧୦ ମିନିଟରେ ଏକ ହରିକେନ ଝଡ଼ ଯେତିକି ଶକ୍ତି ଛାଡିବ ତାହା ପୃଥିବୀର ସବୁ ଅଣୁ ଅସ୍ତ୍ରର ମିଳିତ ଶକ୍ତିଠାରୁ ଅଧିକ ।

## ଚମତ୍କାରୀ ମେଥିଶାଗ

ମେଥି ଶାଗ ପେଟ ପାଇଁ ବେଶ୍ ଲାଭଦାୟକ । ଏଥିରେ ଆଇରନ୍, କ୍ୟାଲସିୟମ୍, ଫସ୍‌ଫରସ ତଥା ପ୍ରୋଟିନ୍ ଏବଂ ଭିଟାମିନ୍ 'କେ' ପ୍ରଚୁର ମାତ୍ରାରେ ମିଳିଥାଏ । ପେଟ ସମ୍ବନ୍ଧୀୟ ଯେକୌଣସି ରୋଗ ହେଉ, ମେଥିଶାଗ ସେବନ ଦ୍ୱାରା ସେଥିରୁ ଉପଶମ ମିଳିଥାଏ । ଏହାଛଡ଼ା ଉଚ୍ଚ ରକ୍ତଚାପ, ମଧୁମେହ, ବାନ୍ତି ତଥା ଆମ୍ଳିକା ହାକୁଟି ଭଳି ସମସ୍ୟା ପାଇଁ ଏହା ରାମବାଣ ପରି କାମକରେ । ମେଥି ଶାଗରେ ଅଦା, ଗରମ ମସଲା ଦେଇ ରାନ୍ଧି ଖାଇଲେ ନିମ୍ନ ରକ୍ତଚାପ ଏବଂ କୋଷ୍ଠକାଠିନ୍ୟରୁ ଆରୋଗ୍ୟ ମିଳେ ।



ସକାଳ ଓ ସନ୍ଧ୍ୟାରେ ମେଥିଶାଗ ରସ ପିଇବା ଦ୍ୱାରା ଶରୀରରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ । ଏଥିରେ ଥିବା ପାଚକ ଏନଜାଇମ୍ ଅଗ୍ନାଶୟକୁ ଅଧିକ କ୍ରିୟାଶୀଳ କରିଥାଏ ।

## ଶୋଇବାରେ ଅନିୟମିତତା ବଢ଼ାଏ ଓଜନ

ଜଣେ ବ୍ୟକ୍ତି ପ୍ରତିଦିନ ଅତିକମରେ ୭-୮ ଘଣ୍ଟା ଶୋଇବା ଦରକାର । କାରଣ ପରିଶ୍ରମ ଅନୁସାରେ ଶରୀରକୁ ବିଶ୍ରାମର ଆବଶ୍ୟକତା ରହିଛି । ଯଦି ଏଥିରେ ଅନିୟମିତତା ହେଲା ତେବେ ତାହା କେତେକ ରୋଗ ସୃଷ୍ଟି କରିଥାଏ । ଏହି ତାଲିକାରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି । ତାହା ହେଲା ମେଦବହୁଳତା । ଅର୍ଥାତ୍ ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଏକ ଅଭ୍ୟାସରେ ପରିଣତ ହୋଇଯାଏ ତେବେ ତାହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ମତ ଦେଇଛନ୍ତି । ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନେ । ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜଣେ ନିଜର ଶୋଇବା ସମୟ ବିଷୟରେ ଅବଗତ ହେବା ଦରକାର ଏବଂ ପ୍ରତିଦିନ ଅତିକମରେ ୬-୭ ଘଣ୍ଟା ଶୋଇଲେ ଓଜନ ସନ୍ତୁଳିତ ରହିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ସାଇନସ୍ ସମସ୍ୟା ଦୂର କରେ କଞ୍ଚା ଲଙ୍କା

କଞ୍ଚା ଲଙ୍କାରେ କ୍ୟାପସାଇସିନ ନାମକ ତତ୍ତ୍ୱ ରହିଛି । ଏହା ରକ୍ତ ସଞ୍ଚାଳନ ସୁଗମ କରିଥାଏ । ଯାହା ଫଳରେ ସର୍ଦ୍ଦି ବେଳେ ସାଇନେସ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।



ଯନ୍ତ୍ରଣା ଦୂର କରେ: କଞ୍ଚା ଲଙ୍କା ଖାଇବା ଫଳରେ ଶରୀରର ଉଷ୍ମତା ବାହାରିଯାଏ ଓ ଏହାଦ୍ୱାରା ଶାରୀରିକ ଯନ୍ତ୍ରଣା ତୁରନ୍ତ ଦୂର ହୋଇଥାଏ ।

ଥଣ୍ଡା ସ୍ଥାନରେ ରଖିବା ଉଚିତ: ଲଙ୍କାରେ ଭିଟାମିନ୍ ପ୍ରଚୁର ମାତ୍ରାରେ ରହିଥାଏ । କଞ୍ଚା ଲଙ୍କା ଥଣ୍ଡା ସ୍ଥାନରେ ରଖିବା ଉଚିତ । ଏହାର ପୋଷକ ତତ୍ତ୍ୱ ବାୟୁ, ଗରମ ଓ ଆଲୋକ ସମ୍ପର୍କରେ ଆସି ଧୀରେ ଧୀରେ ଶେଷ ହୋଇଯାଏ ।

ମୁଡ୍ ଠିକ୍ ରଖେ: କଞ୍ଚା ଲଙ୍କାରେ ବିଭିନ୍ନ ପ୍ରକାରର ଇଣ୍ଡର୍ଫିନ କେମିକାଲ ରିଲିଜ୍ କରିଥାଏ, ଯାହା ମୁଡକୁ ନିୟନ୍ତ୍ରଣ କରେ ଓ ଏନଜାଇମ୍‌କୁ ଶକ୍ତ କରିଥାଏ । ଏହା ଆମ ଭିତରେ ସବୁବେଳେ ଉତ୍ତମ ଭାବ ପ୍ରକାଶ କରିଥାଏ ।

ସୁଗାର ନିୟନ୍ତ୍ରକ: ଡାୟବେଟିକ୍ ରୋଗୀ କଞ୍ଚା ଲଙ୍କା ଖାଇବା ଉଚିତ୍ । ଏହି ଲଙ୍କା ବ୍ଲଡ ସୁଗାର ଲେବଲ କମ୍ କରିବାରେ ସାହାଯ୍ୟ କରେ ।

ଆଇରନର ଉତ୍ସ: କଞ୍ଚା ଲଙ୍କା ଆଇରନର ମୁଖ୍ୟ ଉତ୍ସ । ଏଥିପାଇଁ ଚିକିତ୍ସକମାନେ ସବୁବେଳେ ଆଇରନ କମ୍ ଥିବା ଲୋକଙ୍କୁ କଞ୍ଚା ଲଙ୍କା ଖାଇବାକୁ ପରାମର୍ଶ ଦେଇଥାନ୍ତି ।

ତ୍ୱଚା ସଂକ୍ରମଣ ଦୂର କରେ: କଞ୍ଚା ଲଙ୍କାର ଆଣ୍ଟି ବ୍ୟାକ୍ଟେରିଆର ଗୁଣ ରହିଛି । ଶରୀରରେ କୌଣସି ପ୍ରକାରର ସ୍କିନ୍ ଇନ୍‌ଫେକସନ ବା ସଂକ୍ରମଣ ହେବାକୁ ଦିଏନି । ଯଦି ସଂକ୍ରମଣ ହୋଇଥାଏ ତାହାକୁ ତାହା ଭଲ କରେ ।

ରକ୍ତ ରୋକିବାରେ ସହାୟକ: କଞ୍ଚା ଲଙ୍କାରେ ପ୍ରଚୁର ଭିଟାମିନ୍ ରହିଛି । ଏହାକୁ ଖାଇବା ଦ୍ୱାରା ବ୍ଲଡ କ୍ଲଟିଂ ସମସ୍ୟା ସୁଧାରିଯାଏ ।

## ଦୈନିକ ବାଇଗଣ ଖାଇବା ଭଲ

ବିଶ୍ୱରେ ପ୍ରତି ୧୦ ଜଣରେ ୫ ଜଣ ବାଇଗଣ ଖାଇବାକୁ ପସନ୍ଦ କରନ୍ତି । ସବୁଠାରୁ ଅଧିକ ଜାପାନ ଓ ଭାରତରେ ଏହି ପରିବାର ବ୍ୟବହାର ହୋଇଥାଏ । ନିକଟରେ ଆମେରିକାର କିଛି ଗବେଷକ ମତ ପ୍ରକାଶ କରିଛନ୍ତି ଯେ, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ ।



ବାଇଗଣ ଭର୍ତ୍ତାରେ ଅଳ୍ପ ମହୁ ମିଶାଇ ଖାଇଲେ ସୁନିଦ୍ରା ହୁଏ । ତରକାରିରେ ଏହା ଖାଇବା ଖୁବ୍ ଭଲପ୍ରଦ । ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ଖାଇଲେ ଅମ୍ଳ ରୋଗରୁ ମୁକ୍ତି ମିଳେ । ଆଫ୍ରିକୀୟ ଆଦିବାସୀଙ୍କ ମତରେ ବାଇଗଣ ପୋଡ଼ାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ । ସକାଳୁ ଖାଲି ପେଟରେ ବାଇଗଣ ଭର୍ତ୍ତାରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତଜନିତ ରୋଗର ଆଶଙ୍କା କମ୍ ହୁଏ । ଗବେଷକଙ୍କ ମତରେ ବିଷାକ୍ତ ଛତୁ ଖାଇଲେ, ଗୋଟା ବାଇଗଣକୁ ଚକଟି ତୁରନ୍ତ ଖାଇଲେ ବିଷ କ୍ରିୟା ପ୍ରଭାବହୀନ ହୋଇଥାଏ । ଏଥିରେ ଖାଦ୍ୟ ତନ୍ତୁ ପ୍ରଚୁର ପରିମାଣରେ ଥାଏ । ଟାଇପ୍ ୨ ମଧୁମେହ ରୋଗୀ ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣରେ ରହେ । ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପରିବା ।

## କହିପାରିବେ କି ?

(୧) ସର୍ବତାପନ କେଉଁ ଦେବତାଙ୍କ ଅନ୍ୟ ନାମ ?
(୨) ମେଘନାଦଙ୍କ ମାତାଙ୍କ ନାମ କ'ଣ ?
(୩) ରାମାୟଣରେ କେତୋଟି ଶ୍ଳୋକ ଅଛି ?
(୪) ପର୍ଶୁରାମଙ୍କ ମାତାଙ୍କ ନାମ କ'ଣ ?
(୫) ଦେବାନ୍ତକର ମୃତ୍ୟୁ କାହା ହାତରେ ହୋଇଥିଲା ?
(୬) ବଲପଏଣ୍ଟ ପେନ୍ କେବେ ଆବିଷ୍କାର ହୋଇଥିଲା ?
(୭) କେଉଁ ଦେଶରେ ଭିକ ମାଗିବା ପାଇଁ ଲାଇସନ୍ସ ନେବାକୁ ପଡେ ?
(୮) ଅକ୍ଟୋପସ୍‌ର କେତୋଟି ହୃଦ୍ ଯନ୍ତ୍ର ରହିଛି ?
(୯) କିଏ ବିନା ମୁଣ୍ଡରେ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଜୀବିତ ରହିପାରେ ?
(୧୦) ବିଶ୍ୱରେ ସବୁଠୁ ଅଧିକ ବିକ୍ରି ହେଉଥିବା ବିସ୍କୁଟର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) MUDIH | = | 6) KROEP | = |
| 2) CIYPK | = | 7) GEMTNA | = |
| 3) GAHUCT | = | 8) NUFEDO | = |
| 4) RLETEN | = | 9) TRYID | = |
| 5) POTLI | = | 10) TOMOT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଅଥର୍ବବେଦ, ୨.ଗରୁଡ଼, ୩. ପୁଷ୍ପକ, ୪. ସୁମିତ୍ରା, ୫. ସୂର୍ଯ୍ୟ, ୬.ଇନ୍ଦ୍ର, ୭. ଦଧୀଚି, ୮. ହିତସାଗର, ୯. ମନ୍ଦରାଚଳ, ୧୦. ପର୍ଶୁରାମ ।

***Jumble Words* ର ଉତ୍ତର :-**

(1) EXCEL (2) CLOSET (3) CHROME (4) MONTH (5) CHORD (6) EXCESS (7) POETRY (8) FAVOR (9) BRIBE (10) NIMBLE

## ୧୦ ହଜାର ତଣ୍ଡ ଗଣିବେ ଆବେଦନକାରୀ

କଟକ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାୟର କରିଥିବା ଆବେଦନକାରୀ ୧୦ ହଜାର ଟଙ୍କା ଗଣିବେ । ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ବିରୋଧରେ ଦେୱାନୀ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ ପ୍ରସଙ୍ଗ ନେଇ ଡକ୍ଟର ସୁବାସ ମହାପାତ୍ର ଦାୟର କରିଥିବା ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ଏ ସଂକ୍ରାନ୍ତୀୟ ଆବେଦନ ଅଯଥା ଓ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟର ଅପଚୟ ହୋଇଥିବାରୁ ଆବେଦନକାରୀ ୨ ସପ୍ତାହ ଭିତରେ ହାଇକୋର୍ଟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ୧୦ ହଜାର ଟଙ୍କା ଜମା କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲଙ୍କ ଯୋଗ୍ୟତା ଉପରେ ଆପତ୍ତି ଉଠାଇ ତଥା ଏହି ପ୍ରସଙ୍ଗରେ ସିବିଆଇ ବା ଅନ୍ୟ ଏଜେନ୍ସି ଦ୍ୱାରା ତଦନ୍ତ ପାଇଁ ନିବେଦନ କରି ଶ୍ରୀ ମହାପାତ୍ର ଦାୟର କରିଥିବା ପୃଥକ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ପୁଲିସ ଡିଜି, କଟକ ଡିସିପି, ଲାଲବାଗ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ ସହିତ ତାଙ୍କୁ ସୁରକ୍ଷା ପ୍ରଦାନ ନେଇ ଶ୍ରୀ ମହାପାତ୍ର ଦାୟର କରିଥିବା ଅନ୍ତରୀଣ ଆବେଦନକୁ ମଧ ହାଇକୋର୍ଟ ଖାରଜ କରିଛନ୍ତି । ଜଷ୍ଟିସ୍ ସଂଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ମହାପାତ୍ରଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ମୂଳ ନିର୍ବାଚନୀ ମକଦ୍ଦମା ଶୁଣାଣି ଅକ୍ଟୋବର ୨୪କୁ ଧାର୍ଯ୍ୟ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଲୋକସଭା ଆସନରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଶ୍ରୀ ମହାପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସମ୍ବଲପୁର ଆସନରୁ ସାଂସଦ ଭାବେ ଶ୍ରୀ ପ୍ରଧାନଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଦାୟର ମାମଲାର ହାଇକୋର୍ଟ ଶୁଣାଣି କରି ୨୦୨୪, ଅଗଷ୍ଟ ୨୩ରେ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଥିଲେ । ମୂଳ ନିର୍ବାଚନୀ ମକଦ୍ଦମା ବିଚାରାଧୀନ ଥିବା ବେଳେ ଆବେଦନକାରୀ ଶ୍ରୀ ମହାପାତ୍ର ଉପରୋକ୍ତ ଅନ୍ତରୀଣ ଆବେଦନଗୁଡ଼ିକ ଦାୟର କରିଥିଲେ ।

## ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ବୟସ୍କ ନାଗରିକ ଦିବସ



ଝାରସୁଗୁଡ଼ା : ଜିଲ୍ଲାସ୍ତରୀୟ ବୟସ୍କ ନାଗରିକ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହାଛଡ଼ା ସାହିତ୍ୟିକ ତଥା ଆଲୋଚକ ସୀତାରାମ ବିର୍ତ୍ତିଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଆଲୋକମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ, ଡାକ୍ତର ରାଧାରମଣ ବିର୍ତ୍ତିଆ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ପ୍ରଫେସର ଟହଲୁ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏ ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚୌହାଣ ବରିଷ୍ଠ ନାଗରିକଙ୍କ ସମ୍ମାନ ଅକ୍ଷୁଣ୍ଣ ରଖିବାକୁ ସମସ୍ତେ ଯତ୍ନବାନ ହେବାକୁ ଉପଦେଶ ଦେଇଥିଲେ । ସ୍ଥାନୀୟ ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ଯୋଗଦେଇ ବିଭିନ୍ନ ଆଇନ ଉପରେ ଆଲୋଚନା କରିଥିଲେ । ଏ ଅବସରରେ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିତ୍ୟ ବାଦୀ, ସୁସ୍ମିତା ଭୋଇ, ରଞ୍ଜୁକ୍ତା ମେହେର, ସୁରମା ବେସନ, ପ୍ରଜ୍ଞା ମିଶ୍ର, ଆରତିବାଈ ସାଂଘାଇ, ଅଙ୍କିତା ବେହେରା, ଶାନ୍ତିରଞ୍ଜନ ଦାସ, ଆଲିଶ ପଟେଲ, ରାଜେଶ ସେଠ ଓ ଧିରଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ସମ୍ବଲପୁର ଜିଲ୍ଲାସ୍ତରୀୟ ବିଶ୍ୱ ବୟୋଜ୍ୟେଷ୍ଠ ଦିବସ



ସମ୍ବଲପୁର : ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପୁନର୍ବାସ ଓ ଥଇଥାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି, ବିବିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସମ୍ବଲପୁରୀ ଗାୟକ ବିଭୂତି ପଟ୍ଟନାୟକ, ଗାୟକ ତଥା ଲେଖକ ଦିଲୀପ ବାଗ, ଡ. ଦେବେନ ପଟ୍ଟନାୟକ, ଧୀରେନ୍ଦ୍ର ମହାନ୍ତି ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପୁନର୍ବାସ ଓ ଥଇଥାନ କେନ୍ଦ୍ରରୁ ପ୍ରାୟ ୩୦୦ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଆଖି, କାନ, ନାକ, ଅସ୍ଥି, ରକ୍ତ ପରୀକ୍ଷା ଆଦି କରାଯାଇଥିଲା । ଶେଷରେ ବିଭୂତି ପଟ୍ଟନାୟକଙ୍କ ସମ୍ବଲପୁରୀ ସାଂସ୍କୃତିକ ଦଳ ଏବଂ ଭୁବନେଶ୍ୱରରୁ ଆସିଥିବା ଇକୋ ଆବିଲିଟି ଟ୍ରଷ୍ଟ କଳାକାରମାନଙ୍କ ଦ୍ୱାରା ସାମାଜିକ ବାର୍ତ୍ତାବହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ସ୍ମାରକୀ ବକ୍ତୃତା



ସମ୍ବଲପୁର : ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ଆନୁକୂଲ୍ୟରେ ବିଶିଷ୍ଟ ଡାକ୍ତର ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ସଭାରେ ଇଂ ବିଭୂତି ନାରାୟଣ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ବକ୍ତବ୍ୟରେ ଡାକ୍ତର ପୂଜାରୀଙ୍କୁ ଜଣେ ବିଶିଷ୍ଟ ଡାକ୍ତର, ସାଧକ ଓ ଜୀବନମୁକ୍ତ ମଣିଷ ଭାବେ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ । ସଭା ପୂର୍ବରୁ କାର୍ଯ୍ୟକାରୀ କମିଟି ଓ ସମ୍ପାଦନା ମଣ୍ଡଳୀର ଏକ ମିଳିତ ବୈଠକରେ ଚଳିତ ବର୍ଷପାଇଁ ଗ୍ରୁମିଙ୍ଗ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ପ୍ରଦାନ ଉତ୍ସବ ଉପରେ ଆଲୋଚନା ହୋଇ ଆସନ୍ତା ନଭେମ୍ବର ଦୁଇ ତାରିଖ ପୂର୍ବାହ୍ନରେ ସମ୍ବଲପୁର ଆଇଆଇଏମ ପରିସରରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ ହୋଇଛି ।

## ଟେଣ୍ଡର ପାଇଁ ଧିମେଇଛି ଧାନ ସଂରକ୍ଷଣ କେନ୍ଦ୍ର ନିର୍ମାଣ

ଝାରସୁଗୁଡ଼ା : ଧାନ ସଂଗ୍ରହ ପାଇଁ ଆବଶ୍ୟକ ଭିତ୍ତିଭୂମି ଅଭାବ ଯୋଗୁଁ ପ୍ରତି ବର୍ଷ ଧାନ ସଂଗ୍ରହ କ୍ଷେତ୍ରରେ ସମସ୍ୟା ଦେଖାଦେଉଛି । ଏହି ସମସ୍ୟାର ସମାଧାନ ଲାଗି କୃଷି ବହୁଳ ବ୍ଲକରେ ଧାନ ସଂରକ୍ଷଣ କେନ୍ଦ୍ର ନିର୍ମାଣ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ହେଲେ ଏହାର ଶିଳାନ୍ୟାସକୁ ୫ ମାସ ବିତିବା ପରେ ବି ନିର୍ମାଣକୁ ନେଇ ବିଶେଷ ଅଗ୍ରଗତି ନାହିଁ । ଅନ୍ୟପକ୍ଷରେ ଏହାର ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହେବା ପରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

କୋଲାବିରା ବ୍ଲକ୍‌ରେ ୪ଟି କୃଷି ସମବାୟ ସମିତି ପାଇଁ ଚାରୋଟି ଧାନ ସଂରକ୍ଷଣ କେନ୍ଦ୍ର ନିର୍ମାଣ ଚାଲିଛି । ଚଳିତ ୨୦୨୫-୨୬ ଖରିଫ ଋତୁରେ ଚାଷ ହୋଇଥିବା ଧାନ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ପ୍ରାୟ ୫ ମାସ ପୂର୍ବେ ଟେଣ୍ଡର କରାଯାଇ ୪ଟି କେନ୍ଦ୍ର ନିର୍ମାଣ ପାଇଁ ପ୍ରାୟ ୩ କୋଟି ୬୦ ଲକ୍ଷ ବ୍ୟୟ ଅଟକଳ କରାଯାଇଛି । କୋଲାବିରା, ପରମାଣପୁର, ସମାସିଂହା ଓ ଝିର୍ଲ୍ଲାପାଲି କୃଷି ସମବାୟ ସମିତିରେ ପ୍ରତ୍ୟେକ କେନ୍ଦ୍ରର ନିର୍ମାଣ ପାଇଁ ୯୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଧାନ ଶସ୍ୟ ସଂରକ୍ଷଣ ଗୃହ ନିର୍ମାଣ କରାଯାଉଛି । ଏହି ସଂରକ୍ଷଣ କେନ୍ଦ୍ରର ଶିଳାନ୍ୟାସ ଗତ ଅଗଷ୍ଟ ମାସରେ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା କରାଯାଇଥିଲା । ମାତ୍ର ଏବେ ଯାଏଁ ସଂରକ୍ଷଣ କେନ୍ଦ୍ରର ନିହ ଉଠିନାହିଁ । ଫଳରେ ଚଳିତ ବର୍ଷ ମଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସମ୍ଭାବନା ନଥିବା ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ତେବେ ଏ ବର୍ଷ ମଧ ଧାନ ସଂରକ୍ଷଣ କେନ୍ଦ୍ର ଅସମ୍ପୂର୍ଣ୍ଣ ଯୋଗୁଁ କୋଲାବିରା ବ୍ଲକ ଅଞ୍ଚଳର ଚାଷୀ ରାସ୍ତା ଉପରେ ଧାନ ବିକ୍ରୟ କରିବେ । ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ସଂରକ୍ଷଣ କେନ୍ଦ୍ରମାନଙ୍କରେ ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି । ପରମାଣପୁର ସମିତି ପାଇଁ ପତ୍ରାପାଲି ବଜାର ପ୍ରାଙ୍ଗଣରେ ନିର୍ମାଣାଧୀନ ସଂରକ୍ଷଣ କେନ୍ଦ୍ରର ପାଚେରି କାମ ନିମ୍ନମାନର ହୋଇଥିବା ବେଳେ ପ୍ଲାଷ୍ଟର୍ ଜାଗା ଜାଗା ବର୍ଷାରେ ଧୋଇ ହୋଇଯାଇଛି । ଏଥିସହିତ ନିମ୍ନମାନର ଫ୍ଲାଇଆସ୍ ଇଟା ବ୍ୟବହାର ହେଉଥିବାର ସୂଚନା ରହିଛି । ନିହ ନିର୍ମାଣରେ ମଧ ତ୍ରୁଟି ଥିବା ଦେଖିବାକୁ ମିଳିଛି । କୋଲାବିରା ବ୍ଲକର ସମସ୍ତ କାର୍ଯ୍ୟକୁ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉପଯୁକ୍ତ ଅଧିକାରୀଙ୍କ ନିରୀକ୍ଷଣରେ ନିର୍ମାଣ କାର୍ଯ୍ୟ ଯଥା ଶୀଘ୍ର ସମାପ୍ତ କରାଯିବାକୁ ଚାଷୀ ମହଲରେ ଦାବି ହେଉଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଭାରତୀ କଳା ବିକାଶ କେନ୍ଦ୍ର ପକ୍ଷରୁ ବୁର୍ଲାରେ ତିନିଦିନିଆ ବାଦୀପାଲା ଉତ୍ସବ









ବୁର୍ଲା: ଭାରତୀ କଳା ବିକାଶ କେନ୍ଦ୍ର ପକ୍ଷରୁ ତ୍ରିଦିବସୀୟ ବାଦୀପାଲା ଉତ୍ସବ ଆୟୋଜିତ ହୋଇଯାଇଛି । ଭାରତୀ କଳା ବିକାଶ କେନ୍ଦ୍ରର ସଭାପତି ଶୁଭ୍ରାଂଶୁ ଦ୍ୱିବେଦୀଙ୍କ ଅଧକ୍ଷତା ତଥା ପ୍ରମୋଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ହୀରାକୁଦ ନଦୀବନ୍ଧ ଯୋଜନାର ମୁଖ୍ୟଯନ୍ତ୍ରୀ ସୁଶୀଳ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ହୀରାକୁଦ ବନ୍ଧର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୁଧୀର ସାହୁ ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମସୁନ୍ଦର ଧର, ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡକ୍ଟର ଶୁକମୁନି ମେହେର ଓ ରାମକୃଷ୍ଣ ରଥ ସମୀକ୍ଷକ ଭାବେ ଯୋଗ ଦେଇଥିଲେ । କେନ୍ଦ୍ରର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ବାଦୀପାଲା ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠିତ ସତ୍ୟନାରାୟଣ ପୂଜାରେ ଅଶ୍ୱିନୀ ଆଚାର୍ଯ୍ୟ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ଅଧାପକ ଡକ୍ଟର ଫକୀର ରଣା, ଡକ୍ଟର ଦୀପେନ ପଟ୍ଟନାୟକ, ଲକ୍ଷ୍ମୀଧର ମହାନ୍ତି ଓ ରଶ୍ମିରଞ୍ଜନ ଶତପଥୀ ମଞ୍ଚାସୀନ ଥିଲେ । ସତ୍ୟବ୍ରତ ସାହୁ, ଫଗୁନ ସେଠ୍, କୈଳାସ ମିଶ୍ର, ରାକ୍ଷୀ ଦୀପ, ପଦ୍ମିନୀ ପ୍ରଧାନ ଓ ସୁକାନ୍ତ ଦୀପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଘାଟନୀ ଦିବସରେ ସମ୍ବଲପୁର ଜିଲ୍ଲାର ରାଧେଶ୍ୟାମ ପଣ୍ଡା ଓ କଳାହାଣ୍ଡି ଜିଲ୍ଲାର ଅର୍ଜୁନ ଛତ୍ରିଆଙ୍କ ଦଳ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରଣୟବଲ୍ଲରୀ ବିଷୟବସ୍ତୁ ଆଧାରିତ ପାଲା ପରିବେଷଣ କରିଥିଲେ । ପରେ ସମସ୍ତ ପାଲା କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।





## ସମ୍ବଲପୁରରୁ ଅଯୋଧା ଗଲେ ୮୦୦ ତୀର୍ଥଯାତ୍ରୀ



ସମ୍ବଲପୁର : ରାଜ୍ୟ ପର୍ଯ୍ୟଟନ ବିଭାଗ, ପୂର୍ବତଟ ରେଳପଥ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ୭୭୫ ଜଣ ତୀର୍ଥଯାତ୍ରୀ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ରାମ ଜନ୍ମଭୂମି ଅଯୋଧା ଓ ବାରାଣସୀ ଯାତ୍ରା କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସବୁଜ ପତାକା ଦେଖାଇ ଏହି ସ୍ୱତନ୍ତ୍ର ଟ୍ରେନ୍‌ର ଯାତ୍ରା ଶୁଭାରମ୍ଭ କରଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ ଭାମୂ, ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀ, ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ତୀର୍ଥଯାତ୍ରାରେ ସମ୍ବଲପୁର ଜିଲ୍ଲାରୁ ୮୯ ଯାତ୍ରୀ, ସୁବର୍ଣ୍ଣପୁରରୁ ୫୨, ଦେବଗଡ଼ରୁ ୨୭, ଅନୁଗୁଳରୁ ୧୦୯ ଜଣ, ଝାରସୁଗୁଡ଼ାରୁ ୫୦, ସୁନ୍ଦରଗଡ଼ରୁ ୧୮୦, ବଲାଙ୍ଗିରରୁ ୧୪୧, ବରଗଡ଼ରୁ ୧୨୭ ଯାତ୍ରୀ ରହିଛନ୍ତି । ସେହିପରି ଏମାନଙ୍କ ସୁରକ୍ଷା ଓ ସହଯୋଗ ପାଇଁ ୨୫ ଜଣ ଏସ୍‌କର୍ଟ୍ ଅଧିକାରୀ ଓ ଏକ ଡାକ୍ତରୀ ଟିମ୍ ମଧ୍ୟ ଯାତ୍ରା କରିଛନ୍ତି । ସରକାରଙ୍କ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଖାଦ୍ୟ, ପାନୀୟ ଏବଂ ରହଣୀ ବ୍ୟବସ୍ଥା କରାଯାଇଛି । ଏମାନେ ଅଯୋଧାରେ ରାମଲାଲାଙ୍କ ଦର୍ଶନ ସହ, ହନୁମାନଗଡ଼ି ମନ୍ଦିର, ବାରଣାସୀର ପ୍ରସିଦ୍ଧ କାଶୀ ବିଶ୍ୱନାଥ ମନ୍ଦିର ଓ ଗଙ୍ଗା ଆଳତି ଦର୍ଶନ କରିବେ ।

## ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ



ସମ୍ବଲପୁର : ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ସମ୍ବଲପୁର ପକ୍ଷରୁ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସାଂସଦ ପ୍ରତିନିଧି ନାଉରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ରେହାନ କ୍ଷେତ୍ରୀ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ବାମରା ଓ ସମ୍ବଲପୁର ଡିଏଫ୍‌ଓ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ଅବସରରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରେଢ଼ାଖୋଲ ଉପବିଭାଗୀୟସ୍ତରରେ ସଂଗ୍ରାମପୁର, ଚାରମାଳର ଦିଲ୍ଲୀପ ମହାକୁଡ଼ ଏବଂ କୁଚିଣ୍ଡା ଉପ ବିଭାଗୀୟ ସ୍ତରରେ ସାତକମା ଗାଁର ସୁବାସ ଚନ୍ଦ୍ର ନାୟକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର-୨୦୨୫ ଦିଆଯାଇଥିଲା । ପ୍ରୋତ୍ସାହନ ସ୍ୱରୂପ ସେମାନଙ୍କୁ ପଚିଶ ହଜାର ଟଙ୍କା ପୁରସ୍କାର ସହିତ ମାନପତ୍ର ଦିଆଯାଇଥିଲା । ଏହାସହିତ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra